

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୭ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 07 MARCH 2024

Vol.No. 35 ■ No.66 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧









# ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପାର୍ଶ୍ୱାଞ୍ଚଳର ୧୩୩୭ ଜଣ ଛାତ୍ରଛାତ୍ରୀଙ୍କୁ ୧୯.୭୯ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ




ରାଉରକେଲା, ୦୬/୩ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍ଆର୍) ପଦକ୍ଷେପ ଅନ୍ତର୍ଗତ ନୂଆଗାଁ, ବିଶ୍ରା, କୁଆରମୁଣ୍ଡା ଓ ଲାଠିକଟା ବ୍ଲକ ତଥା ପୁନର୍ବସତି କଲୋନୀ ଓ ଆଦର୍ଶ ଇସ୍ପାତ ଗ୍ରାମ ଆଦି ପାର୍ଶ୍ୱାଞ୍ଚଳ ଗ୍ରାମଗୁଡିକର ୟୁପି ସ୍କୁଲ୍ ଏବଂ ହାଇସ୍କୁଲରୁ ସପ୍ତମ ଓ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ୧୩୩୭ ଜଣ ଛାତ୍ରଛାତ୍ରୀଙ୍କୁ ମେଧାବୀ ଛାତ୍ରବୃତ୍ତି ପ୍ରଦାନ କରିଛି। ମାର୍ଚ୍ଚ ୫ ତାରିଖରେ ସିଏସ୍ଆର୍ ବିଭାଗର ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ, ଶ୍ରୀ ପି କେ ସ୍ୱାଇଁ କିଛି ଛାତ୍ରଛାତ୍ରୀଙ୍କୁ ପ୍ରତୀକ ଚେକ୍ ପ୍ରଦାନ କରିଥିଲେ। ଏହି ଟଙ୍କା ସମସ୍ତ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟରେ ଅନଲାଇନରେ ପ୍ରଦାନ କରାଯାଉଛି। ଏହି ଅବସରରେ ସିଏସ୍ଆର୍ ବିଭାଗର ଜିଏମ୍ ସୁଶ୍ରୀ ମୁନମୁନ୍ ମିତ୍ର, ଏଜିଏମ ଶ୍ରୀ ଏ ଏନ ପତି ଏବଂ ଆରଏସପିର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଦୁଇଟି ଶିକ୍ଷାବର୍ଷ ପାଇଁ ପରୀକ୍ଷାରେ ସେମାନଙ୍କର ଫଳାଫଳ ଆଧାରରେ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇଛି। ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ୫୫ ଟି ହାଇସ୍କୁଲ ଓ ୧୧୧ ଟି ୟୁପି ସ୍କୁଲର ୭୪୧ ଜଣ ଛାତ୍ରଛାତ୍ରୀ ଏଥିରୁ ଉପକୃତ ହୋଇଥିବା ବେଳେ ୨୦୨୦-୨୧ ଶିକ୍ଷାବର୍ଷରେ ୩୨ ଟି ହାଇସ୍କୁଲ ଓ ୧୦୦ ଟି ୟୁପି ସ୍କୁଲର ୫୯୬ ଜଣ ଛାତ୍ରଛାତ୍ରୀ ଏଥିରୁ ଉପକୃତ ହୋଇଛନ୍ତି। ପ୍ରତ୍ୟେକ ବିଦ୍ୟାଳୟର ବାଳକ ଏବଂ ବାଳିକାମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଲାଭ କରିଥିବା ଛାତ୍ରଛାତ୍ରୀ ୩୦୦୦ ଟଙ୍କା ଦିଆ ଯାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୨୦୦୦ ଏବଂ ୧୦୦୦ ଟଙ୍କା ପ୍ରତ୍ୟେକଙ୍କୁ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ସମୁଦାୟ ୧୯.୭୯ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି।

ଶ୍ରୀ ସ୍ୱାଇଁ ତାଙ୍କ ସମ୍ବୋଧନରେ ପାର୍ଶ୍ୱାଞ୍ଚଳ ଜନସାଧାରଣଙ୍କର ସାମଗ୍ରିକ ବିକାଶ ପାଇଁ ଆରଏସପିର ବହୁମୁଖୀ ସିଏସଆର ପଦକ୍ଷେପର ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତିର ସର୍ବୋତ୍ତମ ଉପଯୋଗ କରିବାକୁ ଏବଂ ଏକକ ମନୋଭାବ ସହିତ ସେମାନଙ୍କର ପାଠ୍ୟକ୍ରମ ଲକ୍ଷ୍ୟର ଅନୁସରଣ କରିବାକୁ ସେ ଅନୁପ୍ରେରିତ କରିଥିଲେ।

ପ୍ରାରମ୍ଭରେ ସୁଶ୍ରୀ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶ୍ରୀ ପତି ଧନ୍ୟବାଦ ଜ୍ଞାପନ କରିଥିବା ବେଳେ ସିଏସଆର ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ରିଚା ସୁଧୀରମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜିଆଖତ ଗୋଧନ କେନ୍ଦ୍ର ସ୍ଥାପନ ପାଇଁ ୫୮ଟି ଅନୁମତି ପତ୍ର ପ୍ରଦାନ

ଭୁବନେଶ୍ୱର, ୦୬/୩ (ନି.ପ୍ର): ଗୋଶାଳାଗୁଡ଼ିକୁ ସ୍ୱୟଂସମ୍ପନ୍ନ ଓ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଗୋଶାଳା ଓ ଗୋପାଳକମାନଙ୍କୁ ଜିଆଖତ ଗୋଧନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ପ୍ରୋତ୍ସାହିତ କରିବା ସହିତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ବୁଧବାର ଏହି ପରିପ୍ରେକ୍ଷୀରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ଗୋଶାଳା ଓ ଗୋପାଳକମାନଙ୍କୁ ଜିଆଖତ ଗୋଧନ କେନ୍ଦ୍ର (ଭର୍ମିକମ୍ପୋଷ୍ଟ) ୟୁନିଟ୍ ପ୍ରତିଷ୍ଠା ପାଇଁ ଅନୁମତି ପତ୍ର (ଗୋ ଆହେଡ ଲେଟର) ପ୍ରଦାନ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟର ୫୮ଟି ଗୋଶାଳାକୁ ଏହି ଅନୁମତି ପତ୍ର ପ୍ରଦାନ କରିଛନ୍ତି । ଏହି ଉପଲକ୍ଷେ କୃଷି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ପ୍ରାଣିକଲ୍ୟାଣ ଓ ଗୋପାଳକଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିବଦ୍ଧତା ସ୍ୱରୂପ ଗୋଶାଳାରେ ଜିଆଖତ ଗୋଧନ କେନ୍ଦ୍ର ସ୍ଥାପନ ରାଜ୍ୟ ସରକାରଙ୍କ ଏକ ଅଭିନବ ପଦକ୍ଷେପ। ଜିଆଖତ ଉତ୍ପାଦନ କରି ଗୋଶାଳାଗୁଡ଼ିକ ସ୍ୱାବଲମ୍ବୀ ହୋଇପାରିବେ ଏବଂ ଗୋପାଳକମାନେ ସେମାନଙ୍କ ଆୟକୁ ଅନେକାଂଶରେ ବୃଦ୍ଧି କରିପାରିବେ। ଜିଆଖତ ରାଜ୍ୟର ଜୈବିକ କୃଷିକୁ ପ୍ରୋତ୍ସାହିତ କରିବ ଏବଂ ମୃତିକାର ଉର୍ବରତା ଓ ସ୍ୱାସ୍ଥ୍ୟରକ୍ଷା ଦିଗରେ ଉପଯୋଗୀ ହୋଇପାରିବ। ଗୋବର ଓ ଗୋମୂତ୍ର ଆଦି ବର୍ଜ୍ୟବସ୍ତୁର ସୁପରିଚାଳନା କରି ସେଥିରୁ ଭର୍ମିକମ୍ପୋଷ୍ଟ ପ୍ରସ୍ତୁତ କରିବା ପାଇଁ ଗୋଶାଳା, ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଦସ୍ୟ ଓ ଗୋପାଳକମାନଙ୍କ ଗୋଧନ ୟୁନିଟ୍ ପ୍ରତିଷ୍ଠା ପାଇଁ ୫୦ ପ୍ରତିଶତ ସହାୟତା ଓ ସର୍ବାଧିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ ଭର୍ମିକମ୍ପୋଷ୍ଟ ଗୋଧନ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଗୋଶାଳାରୁ ଉତ୍ପାଦିତ ବର୍ଜ୍ୟବସ୍ତୁର ସୁପରିଚାଳନା ହେବା ସହିତ ଏଥିରୁ କୃଷି ଉପଯୋଗୀ ମୂଲ୍ୟବାନ ଜିଆଖତ ଉତ୍ପାଦନ ହୋଇପାରିବ। ଏହି ଅବସରରେ ବିଭାଗ ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ କର୍ମଶାଳାରେ ବିଭିନ୍ନ ଗୋଶାଳା ଓ ଗୋପାଳକମାନଙ୍କୁ ଜିଆଖତ ଗୋଧନ କେନ୍ଦ୍ର ସ୍ଥାପନ ଓ ପରିଚାଳନା ଏବଂ ଗୋବରୁ ଜିଆଖତର ଉତ୍ପାଦନର ବୈଷୟିକ ଦିଗ ସମ୍ପର୍କରେ ବିଶଦ ଭାବରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଗୋଶାଳାର କର୍ମକର୍ତ୍ତା, ଗୋପାଳକ ଓ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

# ଅନ୍ତରା ହାଇସ୍କୁଲର ପୁରାତନ ଛାତ୍ର ପରିଷଦ ବୈଠକ

ଖଇରା, ୦୬/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତର୍ଗତ ଅନ୍ତରା ମହତୀପୁର ହାଇସ୍କୁଲର ପୁରାତନ ଛାତ୍ର ସଂସଦର ଏକ ବୈଠକ ପ୍ରଧାନଶିକ୍ଷକ ଷଡାନନ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ସଂସଦର ସଭାପତି ସୁଧାକର ଗାହାଣଙ୍କ ସଭାପଡତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ଦିନରେ ଉତ୍ସବ ପାଳନ ସମ୍ପର୍କରେ ଉପସ୍ଥିତ ଥିବା ୪୫ଜଣ ପୁରତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା । ମୋ ସ୍କୁଲ ଅଭିଯାନରେ ହାଇସ୍କୁଲରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଏଥିସହ ପ୍ରଧାନଶିକ୍ଷକ ସେମାନଙ୍କର ଦାନ,ସେବା ଓ ଶ୍ରମର ଭୟସୀ ପ୍ରଶଂସା କରିବା ପରେ ସମସ୍ତ ଦାତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ବରିଷ୍ଠ ଶିକ୍ଷକ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୁବନେଶ୍ୱର ଗୋଠପାଟଣାଠାରେ ପ୍ରଥମ ଆଦିବାସୀ ଭବନର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ: ଖର୍ଚ୍ଚ ହେବ ୧୦୦ କୋଟି ଟଙ୍କା

ଭୁବନେଶ୍ୱର, ୦୬/୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜଧାନୀର ଗୋଠପାଟଣାଠାରେ ପ୍ରଥମ 'ଆଦିବାସୀ ଭବନ'ର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ କରାଯାଉଥିବା ଏହି ଭବନ ଆଦିବାସୀ କଳା, ସଂସ୍କୃତି ଓ ବିକାଶର ବିଚାରବିମର୍ଶ, ବୈଠକ, ସମ୍ମିଳନୀ ଓ ପ୍ରଦର୍ଶନ ପାଇଁ ଏକ ବହୁମୁଖୀ କେନ୍ଦ୍ର ଭାବେ ପରିଗଣିତ ହେବ। ରାଜ୍ୟର ଆଦିବାସୀ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ଭବନ ନବୀନ ଓଡ଼ିଶା ସଶକ୍ତ ଓଡ଼ିଶାର ପରିକଳ୍ପନାକୁ ସାକାର କରିବା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅନୁଯାୟୀ, ଏହି ପ୍ରସ୍ତାବିତ ଭବନର ଆବଶ୍ୟକତା ବିଷୟରେ ବିଭିନ୍ନ ଜନଜାତି ଗୋଷ୍ଠୀ ପକ୍ଷରୁ ୫ଞ ଅଧକ୍ଷ କାର୍ତିକ ପାଣ୍ଡିଆନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହା କାର୍ଯ୍ୟକ୍ଷମ ହେଲେ ଆଦିମ ଜନଜାତି ସମେତ ୬୪ଟି ଅନୁସୂଚିତ ଜନଜାତି ବର୍ଗର ଆଦିବାସୀ ଲୋକ ଉପକୃତ ହେବେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ରାଜ୍ୟସ୍ତରୀୟ ପ୍ରଶାସନର ଏକ ପ୍ରକଳ୍ପ ଭାବରେ ବିକଶିତ ହେବାକୁ ଥିବା ଏହି ବହୁମୁଖୀ ସୁବିଧା କେନ୍ଦ୍ର ଆଦିବାସୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ମଧ ସହାୟକ ହେବ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ସୁବିଧାରେ ରହିବାର ବ୍ୟବସ୍ଥା କରିବ ଏହି 'ଆଦିବାସୀ ଭବନ'। ଏଥି ସହିତ ଅନୁସୂଚିତ ଜନଜାତି ସମୁଦାୟ ପ୍ରାୟତଃ ଭିନ୍ନ ଭିନ୍ନ ସାଂସ୍କୃତିକ ପ୍ରଥା, ଖାଦ୍ୟ ପସନ୍ଦ ଏବଂ ସାମାଜିକ ମାନଦଣ୍ଡ ବଜାୟ ରଖନ୍ତି । ଏହି ଭବନ ସେମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ସହିତ ସେମାନଙ୍କ ସାଂସ୍କୃତିକ ସମ୍ବେଦନଶୀଳତାକୁ ମଧ ସମ୍ମାନ ଦେବ। ସେମାନଙ୍କ ପାଇଁ ଏକ ଆନନ୍ଦଦାୟକ ରହିବା ସୁବିଧା ମଧ ଉପଲବ୍ଧ କରିବ। 'ଆଦିବାସୀ ଭବନ'ରେ ରହିବାର ସୁବିଧା ସହ ସମ୍ମିଳନୀ କକ୍ଷ, କୋରାପୁଟ କଫି କାଫେ ଏବଂ ଆଦିଶାର ଦ୍ୱିତୀୟ ଆଉଟଲେଟ୍ ମଧ ରହିବ।

ପ୍ରସ୍ତାବିତ 'ଆଦିବାସୀ ଭବନ' ଭୁବନେଶ୍ୱରରେ ଅତ୍ୟାବଶ୍ୟକ ସେବା ଓ ସମ୍ବଳ ଉପଲବ୍ଧ କରାଇବା ପାଇଁ ସେମାନଙ୍କ ପାଇଁ ଏକ ସୁବିଧାଜନକ ଭିତିଭୂମି ଭାବେ କାର୍ଯ୍ୟ କରିବ। ଏଠାରେ ସ୍ୱାସ୍ଥ୍ୟ ସେବା ସୁବିଧା, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ସୂଚନା ଓ ସହାୟତା ମିଳିପାରିବ। ଏଠାରେ ଆଦିବାସୀମାନଙ୍କ କଳାକୃତି ଏବଂ ପାରମ୍ପରିକ ବସ୍ତ୍ର ଉଭୟ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ସୁଯୋଗ ରହିବ।

ସୂଚନାଯୋଗ୍ୟ ଯେ ଆଦିବାସୀ କଲ୍ୟାଣର ବିଭିନ୍ନ ଦିଗ ଉପରେ ଆଲୋଚନା, ବିଚାର ବିମର୍ଶ, ସଚେତନତା ଶିବିର ଆୟୋଜନ, ଏବଂ ନୂତନ ଚିନ୍ତାଧାରା ଉପରେ ଆଲୋଚନା କରିବା ପାଇଁ ସମସ୍ତ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ପକ୍ଷରୁ ଆଦିବାସୀ ଭବନ ନିର୍ମାଣ ପାଇଁ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ରୂପାରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ନିର୍ଦ୍ଦେଶକ ଅନୁସୂଚିତ ଜନଜାତି ଇନ୍ଦ୍ରମଣୀ ତ୍ରିପାଠୀ ଏବଂ ବିଭାଗୀୟ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଉତ୍କଳିକା ଦ୍ୱାରା ନିର୍ମିତ ଅତିଥି ଗୃହର ଶୁଭ ଉଦ୍‌ଘାଟିତ

ଭୁବନେଶ୍ୱର, ୦୬/୩ (ନି.ପ୍ର): ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ବୁଧବାର ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ଆର୍ଥିକ ସହାୟତାରେ ଓଡ଼ିଶା ରାଜ୍ୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ଦ୍ୱାରା ନିର୍ମିତ ଏକ ଅତିଥି ଗୃହର ଶୁଭ ଉଦ୍‌ଘାଟନ କରିଛନ୍ତି। ସମଗ୍ର ଓଡ଼ିଶାର ବୁଣାକାର ଓ କାରିଗରମାନେ ବିପଣନ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଭୁବନେଶ୍ୱର ଆସିଥାନ୍ତି। ସ୍ୱଳ୍ପକାଳ ରହଣି ନିମନ୍ତେ କମ୍ ଦରରେ ରାତ୍ରିଯାପନ ପାଇଁ ଏକ ନିର୍ଭରଯୋଗ୍ୟ ଅତିଥି ଗୃହର ଆବଶ୍ୟକତାକୁ ଅନୁଭବ କରି ଏହି ଅତିଥି ଗୃହର ନିର୍ମାଣ କରାଯାଇଛି। ଓଡ଼ିଶାର ସମସ୍ତ ବୁଣାକାର ଓ କାରିଗରମାନେ ଭୁବନେଶ୍ୱର ଗସ୍ତ ସମୟରେ ଏହି ଅତିଥି ଗୃହର ସୁବିଧା ନେଇପାରିବେ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ ଆଶାପ୍ରକାଶ କରିଥିଲେ । ମଂଚେଶ୍ୱରସ୍ଥିତ ଏହି ଅତିଥି ଭବନରେ ନିର୍ଦ୍ଧାରିତ ମୂଲ୍ୟରେ ଜଣେ ବୁଣାକାର ବା କାରିଗର ରାତ୍ରିଯାପନ କରିପାରିବେ ଓ ସର୍ବାଧିକ ୭ ଦିନ ରହି ପାରିବାର ବ୍ୟବସ୍ଥା କରାଯାଇଛି। ଏଠାରେ ଶୀତତାପ ନିୟନ୍ତ୍ରିତ କୋଠରି, ଶଯ୍ୟା ଓ ପରିଷ୍କାର ଶୌଚାଳୟ ସହିତ ପାନୀୟ ଜଳ ଉପଲବ୍ଧ କରାଯାଇଛି। ପୁରୁଷ ଓ ମହିଳା କାରିଗରମାନଙ୍କ ନିମନ୍ତେ ପୃଥକ ଗୃହର ବ୍ୟବସ୍ଥା କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ସିସିଟିଭି ସମେତ ସସ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଉତ୍କଳିକା ଏହି ଅତିଥି ଗୃହର ପରିଚାଳନା ଦାୟିତ୍ୱ ନେଇଛି। ଏହି ଅତିଥି ଭବନ ଉଦ୍‌ଘାଟନ ସମୟରେ ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦର ସଭାପତି ସୁଦର୍ଶନ ସାହୁ, ହସ୍ତଶିଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ପ୍ରଣତୀ ଛୋଟରାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ କଲ୍ୟାଣୀ ପଟ୍ଟନାୟକ ଏହି ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଥିଲେ।

# ୮ ମାର୍ଚ୍ଚରୁ ପାରାଦୀପ-କେନ୍ଦୁଝରଗଡ଼ ପାସେଞ୍ଜରର ନିୟମିତ ସେବା

ଭୁବନେଶ୍ୱର, ୦୬/୩ (ନି.ପ୍ର): ବହୁ ପ୍ରତୀକ୍ଷିତ ତଥା ଜନସାଧାରଣଙ୍କ ଆକାଂକ୍ଷାକୁ ସମ୍ମାନ ଜଣାଇ ରେଳବାଇ ପକ୍ଷରୁ ହରିଦାସପୁର-ପାରାଦୀପ ରେଳ ଲାଇନ ଏବଂ କେନ୍ଦୁଝରଗଡ଼ ମାର୍ଗ ଦେଇ ପୁରୀରୁ ନୂଆଦିଲ୍ଲୀ ଅଭିମୁଖେ ପାସେଞ୍ଜର ପରିବହନ କ୍ଷେତ୍ରରେ ଏକ୍ସପ୍ରେସ ସେବା ପୂରଣ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗତକାଲି ପାରାଦୀପ - କେନ୍ଦୁଝରଗଡ଼ ଏବଂ ପୁରୀ - ଆନନ୍ଦ ବିହାର ଏକ୍ସପ୍ରେସ ଭାୟା କେନ୍ଦୁଝରଗଡ଼ ଟ୍ରେନକୁ ପତାକା ପ୍ରଦର୍ଶନ କରାଇ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଶ୍ୱେଶ୍ୱର ଟୁଡୁ ଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଇଛନ୍ତି । ପାରାଦୀପ-କେନ୍ଦୁଝରଗଡ଼ ପାସେଞ୍ଜର ଟ୍ରେନର ନିୟମିତ ସେବା ଉଭୟ ଦିଗରୁ ୮ ମାର୍ଚ୍ଚରୁ ଆରମ୍ଭ ହେବ। ସେହିଭଳି କେନ୍ଦୁଝରଗଡ଼ ମାର୍ଗ ଦେଇ ପୁରୀ-ଆନନ୍ଦ ବିହାର-ପୁରୀ ଏକ୍ସପ୍ରେସ ପୁରୀ ଠାରୁ ୯ ମାର୍ଚ୍ଚ ଠାରୁ ଏବଂ ଆନନ୍ଦ ବିହାର ଠାରୁ ୧୦ ମାର୍ଚ୍ଚରୁ କାର୍ଯ୍ୟକାରୀ ହେବ। ସୂଚନା ଅନୁଯାୟୀ ୦୮୪୦୬/୦୮୪୦୫ ପାରାଦୀପ-କେନ୍ଦୁଝରଗଡ଼-ପାରାଦୀପ ମେମୁ ପାସେଞ୍ଜର ସ୍ପେଶାଲ୍ ପାରାଦୀପ ଠାରୁ ଭୋର ୦୫ଘ.୩୦ମି.ରେ ଛାଡି କେନ୍ଦୁଝରଗଡ଼ ଠାରେ ଅପରାହ୍ନ ୧୧ଘ.୨୫ମି.ରେ ପହଂଚିବ । ଫେରିବା ମାର୍ଗରେ ଏହି ଟ୍ରେନ କେନ୍ଦୁଝରଗଡ଼ ଠାରୁ ଅପରାହ୍ନ ୦୪ଘ.୩୦ମି.ରେ ଛାଡି ପାରାଦୀପ ଠାରେ ରାତ୍ରି ୦୯ଘ.୩୦ମି.ରେ ପହଂଚିବ । ଏହି ଟ୍ରେନରେ ପାରାଦୀପ ଓ କେନ୍ଦୁଝରଗଡ଼ ମଧ୍ୟରେ ସିଜୁ, ନୂଆଗାଓଁ, କଳାଘର, ମାର୍ଶାଘାଇ ରୋଡ, କେନ୍ଦ୍ରାପଡା, ବାଜିପଡା, ଲଳିତଗିରି, ଉଦୟଗିରି ରତ୍ନଗିରି ରୋଡ, ଚଣ୍ଡିଖୋଲ, ହରିଦାସପୁର, ନୂଆ ଗଡ଼ ମଧୁପୁର, ଜେନାପୁର, ବ୍ରାହ୍ମଣୀ ପିଏଚ, ଯଖପୁରା, ଯାଜପୁର କେନ୍ଦୁଝର ରୋଡ଼, ସୁକିନ୍ଦା ରୋଡ, ବାଘୁଆପାଳ, ଟମକା, ଟାଙ୍ଗିରିଆପାଳ, ସଗଡପଟା, ଚିଲିକଦାରା, ହରିଚନ୍ଦନପୁର, ନୀଳକଣ୍ଠେଶ୍ୱର, ସୀତାବିଞ୍ଜି, ବସନ୍ତପୁର ଏବଂ ନରଣପୁର ଷ୍ଟେସନ ମାନଙ୍କରେ ଉଭୟ ପାର୍ଶ୍ୱରୁ ରହଣି କରିବ ।

ସେହିପରି୧୮୪୨୭/୧୮୪୨୮ କେନ୍ଦୁଝରଗଡ଼ ମାର୍ଗ ଦେଇ ପୁରୀ-ଆନନ୍ଦ ବିହାର-ପୁରୀ ଏକ୍ସପ୍ରେସ ପୁରୀ ଠାରୁ ପ୍ରତି ଶନିବାର ଦିନ ଭୋର ୦୪ଘ.୧୫ମି.ରେ ଛାଡି ପ୍ରତ୍ୟେକ ରବିବାର ଦିନ ଅପରାହ୍ନ ୦୧ଘ.୧୦ମି.ରେ ଆନନ୍ଦ ବିହାରରେ ପହଞ୍ଚିବ । ଫେରିବା ମାର୍ଗରେ ଏହି ଟ୍ରେନ ଆନନ୍ଦ ବିହାରରୁ ପ୍ରତ୍ୟେକ ରବିବାର ଦିନ ସନ୍ଧ୍ୟା ୦୫ଘ.୨୦ମି.ରେ ଛାଡି ପ୍ରତ୍ୟେକ ସୋମବାର ଦିନ ରାତ୍ରି ୧୧ଘ.୫୫ମି.ରେ ପୁରୀରେ ପହଞ୍ଚିବ । ଏହି ଟ୍ରେନରେ ଗୋଟିଏ ଏସି -୧ମ ଶ୍ରେଣୀ, ଦୁଇଟି ଏସି-୨ ଟାୟାର, ପାଞ୍ଚଟି ଏସି -୩ ଟାୟାର, ଗୋଟିଏ ଏସି -୩ ଟାୟାର (ଇକୋନୋମି), ଛଅ ଟି ସ୍ଲିପର ଶ୍ରେଣୀ, ଚାରିଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ, ଗୋଟିଏ ଗାର୍ଡ ତଥା ଦିବ୍ୟାଙ୍ଗଜନ କୋଚ, ଗୋଟିଏ ଗାର୍ଡ ତଥା ଜେନେରେଟର କୋଚ ଏବଂ ଗୋଟିଏ ପ୍ୟାଣ୍ଟ୍ରିକାର ଉପଲବ୍ଧ ଥିବାବେଳେ ଏହା ପୁରୀ ଓ ଆନନ୍ଦ ବିହାର ମଧ୍ୟରେ ସାକ୍ଷୀଗୋପାଳ, ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, କଟକ, ଯଖପୁରା, ହରିଚନ୍ଦନପୁର, କେନ୍ଦୁଝରଗଡ଼, ନୟାଗଡ଼, ବାଂଶପାଣି, ଡଙ୍ଗୋଆପୋସି, ଚାଇବାସା, ଚାଂଡିଲ, ମୁରି, ବୋକରୋ ଷ୍ଟିଲ ସିଟି, ରାଜାବେରା, ଏନଏସସି ଗୋମୋ, କୋଡ଼ର୍ମା, ଗୟା, ସାସାରାମ, ଡ଼ିଡ଼ିୟୁ ପ୍ରୟାଗରାଜ, କାନପୁର ସେଣ୍ଟ୍ରାଲ୍, ଟୁଣ୍ଡଲା ଏବଂ ଚିପିୟାନା ବୁଜର୍ଗ ଷ୍ଟେସନ ମାନଙ୍କରେ ଉଭୟ ପାର୍ଶ୍ୱରୁ ରହଣି କରିବ ।

# ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ୨ଟି ବୁଝାମଣା ପତ୍ର ସ୍ୱାକ୍ଷର

ଭୁବନେଶ୍ୱର, ୦୬/୩ (ନି.ପ୍ର): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ସହିତ ଅମୃତା ବିଶ୍ୱ ବିଦ୍ୟାପୀଠମ୍, କେରଳ ଏବଂ ବ୍ୟାଙ୍କକ ମୁଖ୍ୟ କାର୍ଯ୍ୟାଳୟ ଥିବା ଆଂଚଳିକ ସମନ୍ୱିତ ବହୁମୁଖୀ-ବିପର୍ଯ୍ୟୟ ସଂପର୍କରେ ଆଗୁଆ ସତର୍କ ସୂଚନା ବ୍ୟବସ୍ଥା ଅନୁଷ୍ଠାନ (ରାଇମସ୍) ସହିତ ପୃଥକ୍ ଭାବେ ୨ଟି ବୁଝାମଣା ପତ୍ର ଆଜି ସ୍ୱାକ୍ଷରିତ ହୋଇଛି । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓସଡମାର ପରିଚାଳନା ନିର୍ଦ୍ଦେଶକ ସତ୍ୟବ୍ରତ ସାହୁଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା।

ଅମୃତା ବିଶ୍ୱ ବିଦ୍ୟାପୀଠମ୍ ସହ ସ୍ୱାକ୍ଷରିତବୁଝାମଣା ପତ୍ରରେ ଭୂସ୍ଖଳନ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରାଥମିକ ଆଗୁଆ ସତର୍କ ସୂଚନା ପ୍ରଦାନ କରିବା ଓ ଏହାର ପ୍ରସାରଣ କରାଇବା ସହ ଓଡ଼ିଶାର ଜନସାଧାରଣଙ୍କୁ ଏହାର ପୂର୍ବାନୁମାନ ଦର୍ଶାଇବା ଲକ୍ଷ୍ୟରେ ଏହି ଚୁକ୍ତିନାମାକୁ ଓସଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀମତୀ ସୁସ୍ମିତା ବେହେରାଏବଂଅମୃତା ବିଶ୍ୱ ବିଦ୍ୟାପୀଠମ୍ ର ନିର୍ଦ୍ଦେଶକ ଡଃ. ମନିଷା ବିନୋଦିନୀ ରମେଶସ୍ୱାକ୍ଷର କରିଛନ୍ତି । ସେହିପରି ରାଇମସ୍ ଅନୁଷ୍ଠାନ ସହିତ ସ୍ୱାକ୍ଷରିତ ବୁଝାମଣା ପତ୍ରରେ ଓଏସଡିଏମଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀମତୀ ବେହେରା ଏବଂ ରାଇମସ୍ ପକ୍ଷରୁ ବରିଷ୍ଠ ଉପଦେଷ୍ଟା ଡଃ. କେ. ଜେ. ରମେଶ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି। ବହୁମୁଖୀ ପ୍ରଭାବ ଆଧାରିତ ବିପର୍ଯ୍ୟୟ ପୂର୍ବାନୁମାନ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ବିଶ୍ୱବ୍ୟାଙ୍କ ସମର୍ଥିତ ଓଡ଼ିଶା ରାଜ୍ୟ ସାମର୍ଥ୍ୟ ଓ ସହନଶୀଳ ଅଭିବୃଦ୍ଧି କାର୍ଯ୍ୟକ୍ରମ (ଓଏସସିଆରଜିପି) ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଜ୍ଞାନକୌଶଳ ପ୍ରଦାନ କରିବା ଏବଂ ବ୍ୟବସ୍ଥାକୁ ସମନ୍ୱିତ କରିବାରେ 'ରାଇମସ୍'ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କୁ ସହାୟକ ହେବ । ସ୍ୱାକ୍ଷରିତ ଏହି ସହଭାଗିତା ସରକାରଙ୍କର ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତିକୁ ସୁଦୃଢ କରିବା ସହ ଓଡ଼ିଶାର ଜନସାଧାରଣଙ୍କୁ ବିପର୍ଯ୍ୟୟର ପୂର୍ବାନୁମାନ ତଥା ପ୍ରାରମ୍ଭିକ ଚେତାବନୀ ଦର୍ଶାଇପାରିବ। ଓଡ଼ିଶାର ଜନସାଧାରଣଙ୍କୁ ବିପର୍ଯ୍ୟୟ ପ୍ରସ୍ତୁତିର ମୁଖ୍ୟସ୍ରୋତରେ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ସଶକ୍ତ ଓଡିଶା ଗଠନ କରିବାରେ ଏହା ସହାୟକ ହେବ। ବୁଝାମଣା ପତ୍ରଗୁଡ଼ିକ ସରକାରଙ୍କ 'ମିଶନ ଜିରୋ କାଜୁଆଲିଟି' ଏବଂ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ଉଦ୍ୟମକୁ ସଫଳ କରାଇବା ଦିଗରେ ସଚେଷ୍ଟିତ ହେବ ।


ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ଭାବେ ପରିଚିତ ହୋଇଛି । ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି ହେଉ, ବିପର୍ଯ୍ୟୟ ସମୟରେ ପରିଚାଳନା ହେଉ, ବିପର୍ଯ୍ୟୟ ପରବର୍ତୀ ସମୟରେ ହେଉ କିମ୍ବା ବିପର୍ଯ୍ୟୟ ମୁକାବିଲା ରଣନୀତି ଆପଣାଇବା ହେଉ, ଆମେ ପ୍ରତ୍ୟେକ ଥର ଆମର ସର୍ବୋତମ ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଛୁ। ସ୍ୱାକ୍ଷରିତ ବୁଝାମଣା ପତ୍ର ବିପର୍ଯ୍ୟୟ ପ୍ରସ୍ତୁତି ଦିଗରେ ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସାହୁକହିଥିଲେ ଯେ, ଓଡିଶା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ସୁନାମ ଅର୍ଜନ କରିଛି । ଆଜିର ସ୍ୱାକ୍ଷରିତ ଉଭୟ ବୁଝାମଣାପତ୍ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାର କାର୍ଯ୍ୟକାରିତା ପାଇଁ ସେ ସମସ୍ତ ଅଂଶୀଦାରମାନଙ୍କ ସହଯୋଗ କାମନା କରିଥିଲେ । ଏହି ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଓସଡମାର ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜ୍ଞାନଦାସ ଉପସ୍ଥିତ ଥିବା ବେଳେସାଧାରଣ ପରିଚାଳକ ଶ୍ରୀମତୀ ସୁମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଉତର ପ୍ରଦେଶ ନିର୍ବାଚନ କୋର କମିଟି ବୈଠକ: ଲକ୍ଷ୍ନୌ ଗସ୍ତରେ ବୈଜୟନ୍ତ ପଣ୍ଡା

ଭୁବନେଶ୍ୱର, ୦୬/୩ (ନି.ପ୍ର): ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ଉପସଭାପତି ଏବଂ ଉତର ପ୍ରଦେଶ ନିର୍ବାଚନ ପ୍ରଭାରୀ ବୈଜୟନ୍ତ ପଣ୍ଡା ଉତର ପ୍ରଦେଶର ଅବଶିଷ୍ଟ ୨୮ଟି ଲୋକସଭା ଆସନରେ ପ୍ରାର୍ଥୀ ତାଲିକା ଚୁଡାନ୍ତ କରିବା ପାଇଁ ରାଷ୍ଟ୍ରୀୟ ଅଧକ୍ଷ ଜେ ପି ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବା ପାଇଁ ଆଜି ଲକ୍ଷ୍ନୌ ଗସ୍ତ କରିଛନ୍ତି। ସୂଚନାଯୋଗ୍ୟ, ଆଗାମୀ ଲୋକସଭା ନିର୍ବାଚନରେ ଏନ୍.ଡି.ଏ ୪୦୦ ପାର ଲକ୍ଷ ରଖିଥିବାବେଳେ, ବୈଜୟନ୍ତଙ୍କୁ ୧୦୧ ଲୋକସଭା ଆସନର ଗୁରୁଦାୟିତ୍ୱ କେନ୍ଦ୍ର ନେତୃବୃନ୍ଦ ଦେଇଛନ୍ତି। ଏହି ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ବୈଜୟନ୍ତ ମାରାଥନ ବୈଠକ କରି ପ୍ରାର୍ଥୀ ଚୟନ ଓ ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଛନ୍ତି। ଆଜି ବୈଠକରେ ଉତର ପ୍ରଦେଶରେ ଅବଶିଷ୍ଟ ୨୮ଟି ଆସନ ପାଇଁ ପ୍ରାର୍ଥୀ ତାଲିକା ଚୁଡାନ୍ତ ହେବା ସହ କେନ୍ଦ୍ର ନେତୃବୃନ୍ଦଙ୍କ ଅନୁମୋଦନ ପାଇଁ ପଠାଯିବ।

# ଏମ କେ ବେହେରା ପୂର୍ବତଟ ରେଳପଥର ନୂତନ ଅତିରିକ୍ତ ମହାପ୍ରବନ୍ଧକ

ଭୁବନେଶ୍ୱର, ୦୬/୩ (ନି.ପ୍ର): ଭାରତୀୟ ରେଳ ଇଞ୍ଜିନିୟର୍ସ ସେବା (ଆଇଆରଏସଇ)ର ଅଧିକାରୀ ମହେଶ କୁମାର ବେହେରା ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବରେ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ଭୁବନେଶ୍ୱରରେ ପୂର୍ବତଟ ରେଳପଥର ମୁଖ୍ୟ ଯୋଜନା ଏବଂ ଡିଜାଇନ ଇଞ୍ଜିନିୟର ଭାବରେ କାର୍ଯ୍ୟ କରୁଥିଲେ । ଶ୍ରୀ ବେହେରା ୟୁନିଭର୍ସିଟି କଲେଜ ଅଫ୍ ଇଞ୍ଜିନିୟରିଂ ବୁର୍ଲା, ସମ୍ବଲପୁର ଠାରୁ ସିଭିଲ୍ ଇଞ୍ଜିନିୟରିଂରେ ସ୍ନାତକ କରିବା ପରେ ସାମୁଦ୍ରିକ ଇଞ୍ଜିନିୟରିଂରେ ଆଇଆଇଟି ମାଡ୍ରାସରୁ ସ୍ନାତକୋତର ଡିଗ୍ରୀ ହାସଲ କରି ୧୯୯୧ ରେ ଭାରତୀୟ ରେଳବାଇରେ ଯୋଗ ଦେଇଥିଲେ। ଶ୍ରୀ ବେହେରା ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଯଥା ପୂର୍ବତଟ ରେଳପଥର ଚିଫ ବ୍ରିଜ ଇଂଜିନିୟର, ଚିଫ ଇଂଜିନିୟର (ବ୍ରିଜ୍ ପୁନର୍ବାସ); ଭୁବନେଶ୍ୱର ସ୍ଥିତ ରାଇଟ୍ସର ଗ୍ରୁପ ଜେନେରାଲ୍ ମ୍ୟାନେଜର, ପାଟନା ଏବଂ ମୁଙ୍ଗେରରେ ପୂର୍ବ କେନ୍ଦ୍ରୀୟ ରେଳ ଅଧୀନରେ ଥିବା ଗଙ୍ଗା ବ୍ରିଜର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ସହିତ ସମ୍ବଲପୁର ଠାରେ ସିନିୟର ଡିଭିଜନାଲ ଇଞ୍ଜିନିୟର (କୋ-ଅର୍ଡିନେସନ୍), ପୂର୍ବତଟ ରେଳପଥ ମୁଖ୍ୟାଳୟ ଠାରେ ଉପ ମୁଖ୍ୟ ଭିଜିଲାନ୍ସ ଅଧିକାରୀ ଏବଂ ଉତର ସୀମାନ୍ତ ରେଳପଥର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଭାବରେ ସୁଚାରୁ ଭାବେ କାର୍ଯ୍ୟଭାର ତୁଲାଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି ।



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୭ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 07 MARCH 2024

Vol.No. 35 ■ No.66 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଓଡ଼ିଶାର ସ୍ୱାର୍ଥ ପାଇଁ ଆବଶ୍ୟକତାକୁ ଧ୍ୟାନଦେଇ ନିଷ୍ପତ୍ତି ନିଆଯିବ: ଦେବୀ ମିଶ୍ର

ଭୁବନେଶ୍ୱର, ୦୬/୩ (ନି.ପ୍ର): ନବୀନ ନିବାସରେ ଆଜି ୨ଟି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି। ଅପରାହ୍ଣ ୩ଟାରୁ ୫ଟା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ବୈଠକ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ସନ୍ଧ୍ୟା ୬ଟାରେ ବୈଠକ ବସିଥିଲା। ଦ୍ୱିତୀୟ ପର୍ଯ୍ୟାୟର ବେ ?ଠକ ଶେଷ ହେଲା ପରେ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି। ମେଣ୍ଟ ନେଇ ସାମ୍ବାଦିକମାନଙ୍କ ପ୍ରଶ୍ନରେ ସେ କହିଛନ୍ତି ଯେ, ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସବୁ କ୍ଷେତ୍ରରେ ସଫଳତା ପାଇଛି। ଓଡ଼ିଶାକୁ ଶୀର୍ଷ ସ୍ତରରେ ନେବା ପାଇଁ ନବୀନ ପଟ୍ଟନାୟକ କାମ କରୁଛନ୍ତି। ଆଉ ୧୨ ପରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବେ ରାଜ୍ୟ ଗଠନକୁ ୧୦୦ ବର୍ଷ ପୂରିବ। ଏହି ୧୦୦ ବର୍ଷ ପୂର୍ତ୍ତି ପାଇଁ ଓ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାର ସ୍ୱାର୍ଥ ପାଇଁ ଆବଶ୍ୟକତାକୁ ଧ୍ୟାନଦେଇ ଯାହା ଆବଶ୍ୟକ ପଡ଼ିବ ସେନେଇ ବିଜେଡି ନିଷ୍ପତ୍ତି ନେବ। ନବୀନ ନିବାସରେ ଆୟୋଜିତ ବୈଠକରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଟୁକୁନି ସାହୁ, ଅଶୋକ ପଣ୍ଡା, ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ପ୍ରଫୁଲ୍ଲ ମଲ୍ଲିକ, ଜଗନ୍ନାଥ ସାରକା, ପ୍ରଦୀପ ଅମାତ, ଅରୁଣ ସାହୁ, ସୁଶାନ୍ତ ରାଉତ, ସଂଜୟ ଦାସବର୍ମା, ମାନସ ମଙ୍ଗରାଜ, ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ, ସସ୍ମିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ମେଂଟ ନେଇ କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତ୍ତି ନେବ : ଜୁଏଲ ଓରାମ

ଭୁବନେଶ୍ୱର, ୦୬/୩ (ନି.ପ୍ର): ଆଗାମୀ ଲୋକସଭା ନିର୍ବାଚନ ଓ ଓଡ଼ିଶାରେ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀରେ ବୁଧବାର ବିଜେପିର ବୈଠକ ହୋଇଛି। କେନ୍ଦ୍ରୀୟ ନେତୃତ୍ୱଙ୍କ ସହିତ ଓଡିଶା ବିଜେପିର ନେତାମାନେ ଏହି ବୈଠକରେ ସାମିଲ ହୋଇଛନ୍ତି। ବୈଠକରେ ଉପସ୍ଥିତ ଥିବା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଗଣମାଧ୍ୟମକୁ କହିଛନ୍ତି ବୈଠକରେ ଅନେକ ବିଷୟରେ ଆଲୋଚନା କରାଯାଇଛି। ଆମେ ଏକା ଲଢ଼ିବୁ ବୋଲି ଆମେ ଆମର ମତ ଦେଇଛୁ। କିନ୍ତୁ ମେଂଟ ନେଇ କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତି ନେବ। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ବିଜେପିର ଅନେକ ନେତା ସାମିଲ ହେଇଛନ୍ତି। ବୈଠକରେ ଅମିତ ଶାହାଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମଙ୍କ ସହିତ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ହେଇଛନ୍ତି। ଏହି ବୈଠକ ପରେ ମେଂଟ ଚର୍ଚ୍ଚାକୁ ନେଇ ସ୍ପଷ୍ଟ ସୂଚନା ଆସିପାରେ।



## ଆଉ ଚଳିବନି ହାତ ଗୁଞ୍ଜା, ଡ୍ରାଇଭିଂ ଟେଷ୍ଟ ବେଳେ ଜଗିବ ଏଆଇ

ଭୁବନେଶ୍ୱର, ୦୬/୩ (ନି.ପ୍ର): ଡ୍ରାଇଭିଂ ଟେଷ୍ଟରେ ରହିବନି ମାନବ ହସ୍ତକ୍ଷେପ। ଅଟୋମେଟେଡ୍ ପ୍ରକ୍ରିୟାରେ କମ୍ପ୍ୟୁଟର କରିବ ପରୀକ୍ଷା। ଗଫଲତି ଧରିବ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଇଓ)। ରାଜ୍ୟର ଡ୍ରାଇଭିଂ ଲାଇସେନ୍ସ ପ୍ରଦାନରେ ପକ୍ଷପାତ ହେଉଥିବା ଅଭିଯୋଗ ଉଠିବା ପରେ ଏବେ ଏଭଳି ପଦ୍ଧତି ଆପଣେଇଛି ପରିବହନ ବିଭାଗ। ଆଜି ଗଞ୍ଜାମ, ଚଣ୍ଡିଖୋଲ, ରାଉରକେଲା, ଅନୁଗୋଳ, ସୁନ୍ଦରଗଡ଼ ଓ କେନ୍ଦୁଝର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ୱୟଂଚାଳିତ ଗାଡ଼ିଚାଳନା ପରୀକ୍ଷା ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି, ଖୁବ୍‌ଶୀଘ୍ର ସମସ୍ତ ୩୮ଟି ଯାକ ଆରଟିଓରେ ଏହି ବ୍ୟବସ୍ଥା ଆପଣାଯିବ। ଏହି ବ୍ୟବସ୍ଥାରେ ପୂରା ପ୍ରକ୍ରିୟା ଅଟୋମେଟେଡ୍ ରହିବ। କ୍ୟାମେରା ଲେନ୍ସରେ ରହିବ ଗାଡ଼ି ଚାଳନା ପରୀକ୍ଷା ଅଞ୍ଚଳ। ମାନବ ହସ୍ତକ୍ଷେପ ଜନିତ ଗଫଲତି ଓ ଦୁର୍ନୀତି ରୋକିବାକୁ ବ୍ୟବହାର ହେବ ଇଓ। ପରିବହନ ବିଭାଗର ଏ ପଦକ୍ଷେପକୁ ସାଧାରଣ ଲୋକେ ସ୍ୱାଗତ କରିଥିବା ବେଳେ ଏହାର ବାସ୍ତବ କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠାଇଛନ୍ତି ସଡ଼କ ସୁରକ୍ଷା ବିଶେଷଜ୍ଞ। ସେପଟେ ରାଜ୍ୟ ସରକାରଙ୍କ ତଥ୍ୟ କହୁଛି, ଗତ ୩ ବର୍ଷରେ ରୋଡ୍ ସାଇଡ୍ ପାର୍କିଂ ଯୋଗୁ ୨ ହଜାର ୨୦୭ଟି ଦୁର୍ଘଟଣା ଘଟିଛି।


▶▶ପୃଷ୍ଠା ୭


## ରାହୁଲ ଗାନ୍ଧିଙ୍କୁ ତାଗିଦ କଲେ ନିର୍ବାଚନ କମିଶନ

ନୂଆଦିଲ୍ଲୀ, ୦୬/୩ : ଆଗକୁ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହାପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ତାଗିଦ କରିଛନ୍ତି ନିର୍ବାଚନ କମିଶନ। ସାଧାରଣ ସଭାରେ ଭାଷଣ ଦେବା ବେଳେ ରାହୁଲ ନିଜର ଶବ୍ଦ ଉପରେ ଅଧିକ ସତର୍କତା ଓ ଯତ୍ନବାନ ହୁଅନ୍ତୁ ବୋଲି କମିଶନ କହିଛନ୍ତି। ରାହୁଲ ଗାନ୍ଧି ସାଧାରଣ ସଭାରେ ଭାଷଣ ଦେବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ପନୌତି ଓ ପକେଟ ମାର ଭଳି ଶବ୍ଦ ପ୍ରୟୋଗ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ ତାଙ୍କୁ ସତର୍କ କରାଇ ଦେଇଛନ୍ତି। ଗତବର୍ଷ ଡିସେମ୍ବର ମାସରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁସାରେ ନିର୍ବାଚନ କମିଶନ ଏପରି ପଦକ୍ଷେପ ନେଇଛନ୍ତି। ରାହୁଲ ଗାନ୍ଧିଙ୍କ ନଭେମ୍ବର ୨୨ ଭାଷଣ ବିରୋଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନଭେମ୍ବର ୨୨ରେ ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍ଦେଶ୍ୟରେ ପକେଟ ମାର ଶବ୍ଦ ପ୍ରୟୋଗ କରିଥିଲେ। କୋର୍ଟ ତାଙ୍କ ରାୟ କହିଥିଲେ ଯେ ଏପରି ଶବ୍ଦ ଆଦୌ ଭଲ ନୁହେଁ। ଇସିଆଇ ୮ ସପ୍ତାହ ମଧ୍ୟରେ ଆଇନ ଅନୁସାରେ ପଦକ୍ଷେପ ନିଅନ୍ତୁ। ସେହି ଅନୁସାରେ ନିର୍ବାଚନ କମିଶନ ରାହୁଲଙ୍କୁ ଅଧିକ ସତର୍କ ରହିବାକୁ କହିଛନ୍ତି। ଏଥିସହ ଷ୍ଟାର ପ୍ରଚାରକ ଓ ରାଜନେତାମାନଙ୍କ ପାଇଁ କମିଶନ ଜାରି କରିଥିବା ଆଡଭାଇଜରୀ ପାଳନ କରିବାକୁ ମଧ୍ୟ ରାହୁଲଙ୍କୁ କୁହାଯାଇଛି। ମାର୍ଚ୍ଚ ୧ରେ ନିର୍ବାଚନ କମିଶନ କହିଥିଲେ ଯେ ସବୁ ରାଜନୀତିକ ଦଳ, ପ୍ରାର୍ଥୀ ଓ ଷ୍ଟାର ପ୍ରଚାରକମାନେ ଯଦି ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିବେ, ତା'ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



## କଂଗ୍ରେସକୁ ଫେରିଲେ ଶ୍ରୀକାନ୍ତ ଜେନା

ଭୁବନେଶ୍ୱର, ୦୬/୩ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ନିଜର ଘର ସଜାଡ଼ିବାରେ ଲାଗିଛି । ରାଜ୍ୟର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ କଂଗ୍ରେସକୁ ଘରବାହୁଡ଼ା ହୋଇଛି । ଆଜି ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟଠାରେ ଶ୍ରୀ ଜେନା ଆନୁଷ୍ଠାନିକ ଭାବେ ଦଳକୁ ଫେରିଛନ୍ତି । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ୍ ୨୦୧୯ ଜାନୁୟାରୀ ୨୦ତାରିଖରେ କଂଗ୍ରେସରୁ ବହିଷ୍କୃତ ହୋଇଥିଲେ । ସୂଚନା ଅନୁସାରେ, ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଜେନାଙ୍କୁ ଆଜି ବିଧିବଦ୍ଧ ଭାବେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଦଳରେ ଉତ୍ତୀୟ ଦେଇ ସ୍ୱାଗତ କରିଥିଲେ । ଶ୍ରୀ ଜେନା କହିଥିଲେ ଯେ, ଦଳ ଓ ତାଙ୍କ ମଧ୍ୟରେ ଯାହା ଭୁଲ ବୁଝାମଣା ଥିଲା ତାହା ଦୂର ହୋଇଛି । ସେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ସହ କଥା ହୋଇଛନ୍ତି । ସେ ଛାତ୍ର ରାଜନୀତିରୁ କଂଗ୍ରେସ ସହ ଜଡ଼ିତ । ଭୁଲ୍ ବୁଝାମଣା ଯୋଗୁ କିଛିଦିନ ପାଇଁ ଦଳଠୁ ଦୂରେଇ ଯାଇଥିଲି । ସେହିପରି ଅଜୟ କୁମାର କହିଛନ୍ତି ଯେ, ଶ୍ରୀ ଜେନା ହେଉଛନ୍ତି ଓଡ଼ିଶାରେ ଜଣେ ପ୍ରଭାବଶାଳୀ ନେତା । ସେ ବିଭିନ୍ନ ସାମାଜିକ ସଂସ୍ଥା ସହ ମଧ୍ୟ ଜଡ଼ିତ। ଦଳ ଓ ତାଙ୍କ ମଧ୍ୟରେ ଥିବା ଭୁଲ୍ ବୁଝାମଣାକୁ ସେ ଦୂର କରିପାରିଥିବା କହିଛନ୍ତି । ସୂଚନାଯୋଗ୍ୟ, କଂଗ୍ରେସରୁ ବହିଷ୍କୃତ ହେବାପରେ ଶ୍ରୀକାନ୍ତ ଅନ୍ୟ କୌଣସି ଦଳରେ ସାମିଲ ହୋଇନଥିଲେ । ଗତ କିଛିମାସ ଧରି ଶ୍ରୀକାନ୍ତ ପୁଣିଥରେ କଂଗ୍ରେସକୁ ଫେରିବେ ବୋଲି ଚର୍ଚ୍ଚା ଜୋର ଧରିଥିଲା । ଆଜି ତାହା ସତ ପ୍ରମାଣିତ ହୋଇଛି । କଂଗ୍ରେସ ଟିକେଟରେ ବାଲେଶ୍ୱରରୁ ଲୋକସଭା ସିଟ୍ ଜିତି ଶ୍ରୀକାନ୍ତ ୟୁପିଏ ସରକାରରେ ମନ୍ତ୍ରୀ ହୋଇଥିଲେ ।



## ଦେଶର ପ୍ରଥମ ଅଣ୍ଡରୱାଟର୍ ମେଟ୍ରୋ ଟନେଲ ଉଦ୍‌ଘାଟିତ

ପାଣି ଭିତରେ ଦୌଡିବ ମେଟ୍ରୋ। ଦେଶର ପ୍ରଥମ ଅଣ୍ଡରୱାଟର ମେଟ୍ରୋ ଟନେଲ ଉଦଘାଟିତ। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀର୍ଘଦିନର ଏହି ପ୍ରୋଜେକ୍ଟକୁ ଉଦଘାଟିତ କରିଛନ୍ତି। କୋଲକାତାରେ ହୁଗୁଳି ନଦୀ ଭିତରେ ୧୬.୬ କିଲୋମିଟର ପର୍ଯ୍ୟନ୍ତ ଏହି ଅଣ୍ଡରୱାଟର ମେଟ୍ରୋ ଟନେଲ ନିର୍ମାଣ କରାଯାଇଛି। ୨୦୧୦ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରୋଜେକ୍ଟ ଆଜି ପୂର୍ଣ୍ଣ ରୂପ ନେଇଛି। ଟନେଲ ଉଦଘାଟନ କରିବା ପରେ ପ୍ରଧାନମନ୍ତ୍ରୀ ପିଲାମାନଙ୍କ ସହ ମେଟ୍ରୋରେ ଯାତ୍ରା କରିଛନ୍ତି। ଏହି ସମୟରେ ସେମାନଙ୍କ ସହ କଥାବାର୍ତ୍ତା କରିଛନ୍ତି ପ୍ରଧାନମନ୍ତ୍ରୀ। ଅଣ୍ଡରୱାଟର ମେଟ୍ରୋ ଟନେଲ ଉଦାଘଟନ କରିବା ପରେ ଆଜି ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ଏକ ରାଲିକୁ ସମ୍ବୋଧିତ କରିବେ। ବାରାସତରେ ମହିଳା ସମାବେଶକୁ ସମ୍ବୋଧନ କରି ନାରୀ ସଶକ୍ତିକରଣ ଏବଂ ସନ୍ଦେଶଖାଲି ପ୍ରସଙ୍ଗ ଉଠାଇପାରନ୍ତି।




## ୫ ଦୋଷୀଙ୍କୁ ଫାଶି ଦଣ୍ଡାଦେଶ ଶୁଣାଇଲେ କୋର୍ଟ

ଆନନ୍ଦପୁର, ୦୬/୩ (ନି.ପ୍ର): ୫ ଦୋଷୀଙ୍କୁ ଫାଶି ଦଣ୍ଡାଦେଶ ଶୁଣାଇଲେ କୋର୍ଟ। ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜାଜ ଆଜି ଏହି ରାୟ ଶୁଣାଇଛନ୍ତି। ୨୦୧୯ ମସିହାରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ୨୦୧୯ ମସିହା ମାର୍ଚ୍ଚ ୨୫ ତାରିଖ ଘରେ ଥିଲେ ଆନନ୍ଦପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା। ରାତି ପ୍ରାୟ ସାଢ଼ୁ ୧୦ଟା ବେଳେ ତାଙ୍କ ଘରେ ପହଞ୍ଚିଥିଲେ ଏକତାଳି ଗାଁର ଅଜିତ ପୃଷ୍ଟି, ସଞ୍ଜୀବ ପୃଷ୍ଟି, ଅଲେଖ ପୃଷ୍ଟି, ଅରୁଣ ପୃଷ୍ଟି ଓ ଦୋଳ ବୋଇତେଇ। ବିଭିନ୍ନ ବାହାନା କରି ତାଙ୍କୁ ଘରୁ ଡାକି ଆଣିଥିଲେ। ପରେ ତାଙ୍କୁ ତାଙ୍କ ଘର ଆଗରେ ଅତି ବୀଭତ୍ସ ଭାବେ ହତ୍ୟା କରିଥିଲେ। ହତ୍ୟା କରିବା ପରେ ରାମଚନ୍ଦ୍ର ବେହେରାଙ୍କ ହାତ ଓ ଗୋଡ଼କୁ କାଟି ନେଇଥିଲେ। ୫ ଅଭିଯୁକ୍ତ ରାମଚନ୍ଦ୍ରଙ୍କ ହାତ ଓ ଗୋଡ଼କୁ ଧରି ବାଇକ୍‌ରେ ଗାଁରେ ଚକ୍କର କାଟିଥିଲେ। ଗାଁ ଲୋକଙ୍କୁ ଭୟଭୀତ କରାଇଥିଲେ। ପରେ ନିକଟସ୍ଥ ଜଙ୍ଗଲକୁ ଯାଇ ରାମଚନ୍ଦ୍ରଙ୍କ ଗୋଡ ଓ ହାତକୁ କାଟି ଭକ୍ଷଣ କରିବା ଅଭିଯୋଗ ହୋଇଥିଲା। ସେହି ରାତିରେ ରାମଚନ୍ଦ୍ରଙ୍କ ଝିଅ ଘଷିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ମାମଲା ରୁଜୁ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି। ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜାଜ। ୫୩ ଜଣଙ୍କ ସାକ୍ଷୀଙ୍କ ବୟାନ୍, ୯୪ଟି ଡକ୍ୟୁମେଣ୍ଟ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ କୋର୍ଟ ୫ ଅଭିଯୁକ୍ତଙ୍କୁ ଫାଶି ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ରାୟ ଆସିବା ପରେ ମୃତ ରାମଚନ୍ଦ୍ରଙ୍କ ଝିଅ ଖୁସି ବ୍ୟକ୍ତ କରିଛନ୍ତି।

## ୩୮ ଡ଼ିଗ୍ରୀ ଛୁଇଁଲା ପାରଦ: ପାରଳାଖେମୁଣ୍ଡି ଉତ୍ତପ୍ତ ସହର

ଭୁବନେଶ୍ୱର, ୦୬/୩ (ନି.ପ୍ର): ପୁଣି ୩୮ ଡ଼ିଗ୍ରୀ ଛୁଇଁଲା ପାରଦ। ଆଜି ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରେ ସର୍ବୋଚ୍ଚ ଦିନର ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ କରାଯାଇଛି। ଏହାଛଡ଼ା ରାଜ୍ୟର ୧୧ଟି ସହର ତାପମାତ୍ରା ୩୬ ଡ଼ିଗ୍ରୀ କିମ୍ବା ଅଧିକ ରେକର୍ଡ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ବୁଲେଟିନ୍ ଅନୁସାରେ ବାଲେଶ୍ୱରରେ ୩୧.୬ ଡିଗ୍ରୀ, ଚାନ୍ଦବାଲିରେ ୩୨.୭ ଡିଗ୍ରୀ, କଟକରେ ୩୪.୮ ଡିଗ୍ରୀ, ପାରାଦୀପରେ ୩୨.୨ ଡିଗ୍ରୀ, ଭୁବନେଶ୍ୱରରେ ୩୪.୭ ଡିଗ୍ରୀ, ଗୋପାଳପୁରରେ ୩୧.୪ ଡିଗ୍ରୀ, ପୁରୀରେ ୩୨.୦ ଡିଗ୍ରୀ, ଅନୁଗୋଳରେ ୩୫.୭ ଡିଗ୍ରୀ, ବାରିପଦାରେ ୩୨.୫ ଡିଗ୍ରୀ, ଝାରସୁଗୁଡ଼ାରେ ୩୬.୮ ଡିଗ୍ରୀ, କେନ୍ଦୁଝରରେ ୩୪.୦ ଡିଗ୍ରୀ, ସମ୍ବଲପୁରରେ ୩୫.୭ ଡିଗ୍ରୀ, ସୁନ୍ଦରଗଡ଼ାର


▶▶ପୃଷ୍ଠା ୭


## ଆପଣମାନଙ୍କ ସୁଖଦୁଃଖରେ ମୁଁ ସବୁବେଳେ ରହିଛି ଓ ରହିଥିବି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୬/୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ନବୀନ କାର୍ଡର ଶୁଭାରମ୍ଭ କରିଛନ୍ତି। ନିୟମିତ ସରକାରୀ କର୍ମଚାରୀ ଓ ଆୟକର ଦେଉଥିବା ଲୋକଙ୍କୁ ଛାଡି ଗାଁର ସବୁ ଲୋକ ଏହି ସୁବିଧା ଦେଇଛନ୍ତି। ରାଜ୍ୟ ସରକାରଙ୍କ ୫ଟି ଉପକ୍ରମରେ କାର୍ଯ୍ୟକାରୀ ହୋଇଥିବା ଏହି କାର୍ଡ ମାଧ୍ୟମରେ ମେ' ମାସ ପହିଲା ଠାରୁ ହିତାଧିକାରୀମାନେ ଏଥିରୁ ସୁବିଧା ପାଇବେ। ରାଜ୍ୟ ସରକାରଙ୍କ ୫ଟି ଉପକ୍ରମରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଢେ ୪ କୋଟି ଓଡିଶାବାସୀ ହେଉଛନ୍ତି ମୋ ପରିବାର। ଆପଣମାନଙ୍କ ସୁଖ ଦୁଃଖରେ ମୁଁ ସବୁବେଳେ ରହିଛି ଓ ରହିଥିବି। ଆପଣମାନଙ୍କ ଖୁସି ମୋ ଖୁସି। ସୁସ୍ଥ ସମାଜ ଏକ ସମୃଦ୍ଧ ରାଷ୍ଟ୍ରର ଆଧାର ଏବଂ ସ୍ୱାସ୍ଥ୍ୟ ସହିତ ଏହାର ଗଭୀର ସଂପର୍କ ରହିଛି। ମୋ ପରିବାରର ଲୋକମାନେ କିପରି ଭଲରେ ରହିବେ ସେଥିପାଇଁ ମୁଁ ସବୁବେଳେ କାମ କରି ଚାଲିଛି ଓ କରି ଚାଲିବି। ସୂଚନାଯୋଗ୍ୟ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୧ କୋଟିରୁ ଅଧିକ ପରିବାର ଯାହାକି ରାଜ୍ୟ ଜନସଂଖ୍ୟାର ୮୦ ଭାଗ ହେବେ, କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ପାଉଛନ୍ତି।


▶▶ପୃଷ୍ଠା ୭




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସପନର ପଛେ ପଛେ...

ଓଡ଼ିଆରେ ଯେଉଁ କଥାଟିଏ ଅଛି- 'ତୁ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ'- ପାକିସ୍ତାନ କ୍ଷେତ୍ରରେ ତା'ର ପ୍ରୟୋଗ ଯଥାର୍ଥ କହିଲେ କଦାଚିତ୍ ଅତ୍ୟୁକ୍ତି ହେବ । କାରଣ, ଏହି ରାଷ୍ଟ୍ରରେ ସାଧାରଣ ନିର୍ବାଚନ ପରେ କୌଣସି ଦଳକୁ ସରକାର ଗଠନ କରିବା ପାଇଁ ସ୍ପଷ୍ଟ ବହୁମତ ନ ମିଳିବା ହେତୁ ବିଭିନ୍ନ ଦଳଙ୍କ ମଧ୍ୟରେ ବ୍ୟାପକ ଆଲୋଚନା ଓ ବୁଝାମଣା ଉତ୍ତାରୁ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଘରୋଇ ଆହ୍ୱାନ ମଧ୍ୟରେ ଶେହବାଜ ଶରିଫ୍ କୌଣସିମତେ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ପଦରେ ଆସୀନ ହୋଇଛନ୍ତି । ଆଉ ପଦବୀକୁ ଆସୁ ଆସୁ ପ୍ରଖ୍ୟାତ ଶରିଫ୍ ପରିବାରର ଏଇ ପୋଖତ ରାଜନେତା ତାଙ୍କର ପ୍ରଥମ ଉଦ୍‌ବୋଧନରେ ସେଇ ପ୍ରସଙ୍ଗକୁ ଉଠାଇଛନ୍ତି, ଯାହା ଦଶନ୍ଧି ଦଶନ୍ଧି ଧରି ପାକିସ୍ତାନର ବିଦେଶ ନୀତିକୁ ରୂପରେଖ ପ୍ରଦାନ କରି ଆସିଛି । ସେ ପ୍ରସଙ୍ଗଟି ଅନ୍ୟ କିଛି ନୁହେଁ, ତାହା ହେଉଛି- କାଶ୍ମୀର ପ୍ରସଙ୍ଗ। ବାସ୍ତବରେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ ପାକିସ୍ତାନର ବିଜ୍ଞ ରାଜନେତାମାନେ ଦେଶର ସାଧାରଣ ଜନତାଙ୍କୁ ଦେଶକୁ ପଙ୍ଗୁ କରି ଦେଉଥିବା ପ୍ରକୃତ ସମସ୍ୟାଠାରୁ ଦୂରେଇ ନେବା ପାଇଁ ସବୁବେଳେ କାଶ୍ମୀର ପ୍ରସଙ୍ଗ ଆଡ଼କୁ ସେମାନଙ୍କ ଧ୍ୟାନ ଆକର୍ଷଣ କରିବା ସୁବିଧାଜନକ ମନେ କରିଥାନ୍ତି । କାଶ୍ମୀର ଉପରେ ତାଙ୍କର ସାମ୍ପ୍ରତିକ ମନ୍ତବ୍ୟ ସିଧାସଳଖ ହୁଏତ ବୁଝାଇ ପାରେ ଯେ ଏଇ ପ୍ରସଙ୍ଗକୁ ନେଇ ଭାରତ ସହିତ ବର୍ତ୍ତମାନ ବଜାୟ ରହିଥିବା ଏକ ବରଫ ଭଳି ଜମାଟ ବନ୍ଧା ପାକିସ୍ତାନର ସମ୍ପର୍କ ଉପରେ ଭାରତ ତରଫରୁ କେହି ହେଲେ କିଛି କହିବାକୁ ଆଗେଇ ଆସିବେ ନାହିଁ, ତେଣିକି ପରିସ୍ଥିତିରେ ଯେତେ ବି ପରିବର୍ତ୍ତନ ହେଉ ନା କାହିଁକି । ପରନ୍ତୁ, ଦେଶର ଦୁର୍ବଳ ଅର୍ଥନୀତିରେ ଅଭିବୃଦ୍ଧି ଆଣିବା ପାଇଁ କୌଣସି ସ୍ଥାୟୀ ଯୋଜନା ଉପରେ କିଛି କହିବା ପରିବର୍ତ୍ତେ ଶେହବାଜ କାଶ୍ମୀରକୁ ନେଇ ପାକିସ୍ତାନର ଦୃଢ଼ ମନୋଭାବ ଉପରେ ଗୁରୁତ୍ୱାରୋପ କରିଛନ୍ତି। କହିବା ବାହୁଲ୍ୟ, ଅଧିକାଂଶ ପାକିସ୍ତାନୀ ଯାହା ଭାବନ୍ତି ଯେ କାଶ୍ମୀର ପ୍ରସଙ୍ଗ ହେଉଛି ସେମାନଙ୍କ ରାଷ୍ଟ୍ରୀୟ ପରିଚୟର ମୂଳ ବିଷୟବସ୍ତୁ, ଶେହବାଜଙ୍କ କଥାଗୁଡ଼ିକ କେବଳ ଯାହା ତାକୁ ଦୋହରାଇଛନ୍ତି। ସାମ୍ପ୍ରତିକ ସମୟର ପାକ୍ ପରିସ୍ଥିତି ଉପରେ ଏକ ବିସ୍ତାରିତ ଦୃଷ୍ଟି ପକାଇଲେ ଦେଖାଯିବ ଯେ ଶେହବାଜଙ୍କର ବର୍ତ୍ତମାନ କ୍ଷମତାକୁ ଆସିବା ପାକିସ୍ତାନର ଗଣତନ୍ତ୍ର ଇତିହାସରେ ଏକ ଉଲ୍ଲେଖନୀୟ ଅଧ୍ୟାୟ । ନିଜର ବାସ୍ତବବାଦୀ ଆଭିମୁଖ୍ୟ ଏବଂ ପ୍ରଶାସନିକ ଦକ୍ଷତା ପାଇଁ ପରିଚିତ ଶେହବାଜ ତାଙ୍କର ପୂର୍ବ ପାଳିରୁ ନିଜ ସହିତ ଅନୁଭୂତିର ଅନେକ ସମ୍ପଦ ସାଙ୍ଗରେ ନେଇ କ୍ଷମତାକୁ ଆସିଛନ୍ତି। ଏଭଳି ଏକ ପ୍ରେକ୍ଷାପଟରେ ଦେଶକୁ ଦୁର୍ବଳ କରି ଦେଉଥିବା କାରଣଗୁଡ଼ିକରୁ ଦେଶବାସୀଙ୍କ ଧ୍ୟାନ ହଟାଇବାକୁ କାଶ୍ମୀର ହେଉଛି ଏକ ସମୟର କଷଟି ପଥରରେ ପରୀକ୍ଷିତ ହୋଇଥିବା ସୂତ୍ର। ପରନ୍ତୁ, ଦୁର୍ଭାଗ୍ୟକୁ ପାକିସ୍ତାନର ଅସ୍ଥିର ଘରୋଇ ରାଜନୀତି ଆଞ୍ଚଳିକ ଭୂ-ରାଜନୀତି କ୍ଷେତ୍ରରେ ବିପର୍ଯ୍ୟୟ ଘଟାଇବାରେ ଭୂମିକା ନିର୍ବାହ କରୁଛି ଯାହା ସମସ୍ତେ ସମ୍ପୃକ୍ତ ହେବା ନିମନ୍ତେ ଉତ୍ତେଜନା ଏବଂ ସାମରିକ ବ୍ୟୟରେ ବୃଦ୍ଧି ଘଟାଉଛି । ଏକ ଦୋଳାୟମାନ ମେଣ୍ଟ ସରକାରର ନେତା ଭାବରେ, ଯେଉଁଥିରେ ଦ୍ୱିତୀୟ ସଂଖ୍ୟା ଗରିଷ୍ଠତାର ସହିତ ରହିଥିବା ପିପିପି ମନ୍ତ୍ରୀମଣ୍ଡଳରେ ରହିବାକୁ ଇଚ୍ଛୁକ ନୁହେଁ ଏବଂ ଅନ୍ୟ ଯେଉଁମାନେ ସାମିଲ ଅଛନ୍ତି, ସେମାନଙ୍କର ସଂଖ୍ୟା ଯଥେଷ୍ଟ କମ୍ ହେଲେ ବି ସେମାନେ ସେମାନଙ୍କର ଭାଗ ଦାବି କରିବାରେ କୁଣ୍ଠିତ ନୁହନ୍ତି, ସେଭଳି ଏକ ସରକାରର ନେତୃତ୍ୱ ନେଇ ଶେହବାଜଙ୍କ ସମ୍ମୁଖରେ କାଶ୍ମୀର ଅପେକ୍ଷା ଢେର୍ ବଡ଼ ବଡ଼ ପ୍ରସଙ୍ଗ ରହିଛି। ତାଙ୍କ ପାଇଁ ସବୁଠୁ ବଡ଼ ପ୍ରସଙ୍ଗ ହେଉଛି, ଦେଶର ଅତି ଦୁର୍ବଳ ଅର୍ଥନୀତି ଯାହାକୁ ସଜାଡ଼ିବାକୁ ହେଲେ ତାଙ୍କୁ ନୂଆ ଆଇଏମ୍ଏଫ୍ ଋଣ କରିବା ଜରୁରୀ। ନିର୍ବାଚନ-ପରବର୍ତ୍ତୀ ଅବସ୍ଥାରେ ପାକ୍ ଜନସଂଖ୍ୟାର ସିଂହ ଭାଗ ଇମ୍ରାନ୍ ଖାନ୍‌ଙ୍କ ପିଟିଆଇର ପ୍ରାର୍ଥୀମାନଙ୍କୁ ଅଣଦେଖା କରାଯିବାକୁ ନେଇ ଘୋର ଅସନ୍ତୁଷ୍ଟ ଅଛନ୍ତି, କାରଣ ଏହି ପ୍ରାର୍ଥୀମାନଙ୍କୁ ଅଧିକାଂଶ ପ୍ରଦେଶରେ ତଥା ଇସଲାମାବାଦରେ ମଧ୍ୟ ଗୁରୁତ୍ୱ ଦିଆଯାଇ ନାହିଁ । ତେଣୁ ସେମାନେ ସରକାରର ସାମାନ୍ୟ ତ୍ରୁଟି ଦେଖିଲେ ପ୍ରତିକ୍ରିୟାଶୀଳ ହେବେ ବୋଲି ସ୍ୱାଭାବିକ ଭାବରେ ଅନୁମାନ କରାଯାଇ ପାରିବ। ପୁଣି ନିଆଁରେ ଘିଅ ଢାଳିବା ଭଳି କାମ କରୁଛି ଆଇଏସ୍ଏଫ୍ର ସର୍ତ୍ତଗୁଡ଼ିକୁ ମାନିବା ନିମନ୍ତେ ଟିକସ ଏବଂ ଜାଳେଣି ଦରରେ ବୃଦ୍ଧି। ଏହା ସାଙ୍ଗକୁ ରହିଛି ଅଧିକ ମୁଦ୍ରାସ୍ଫୀତି ଓ ଉଚ୍ଚ ସୁଧହାର। ସର୍ବୋପରି ପାକିସ୍ତାନରେ ଶେହବାଜଙ୍କ କ୍ଷମତାରେ ରହିବା ନିମନ୍ତେ ବେଶ୍ କିଛି କ୍ଷମତା ଖେଳାଳିଙ୍କୁ ସନ୍ତୁଷ୍ଟ କରିବାକୁ ପଡ଼ିବ । ଏଭଳି ପରିସ୍ଥିତିରେ ତେଣୁ ଶେହବାଜଙ୍କୁ ସାମରିକ ଶକ୍ତି ଓ ନିଜର ବଡ଼ଭାଇ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜଙ୍କ ପରାମର୍ଶ ହିଁ କେବଳ କ୍ଷମତାରେ ରହିବାରେ ସହାୟକ ହେବ। ମୋଟାମୋଟି ଶେହବାଜଙ୍କ ସ୍ଥିତି ସେତିକି ବେଳେ ସୁଦୃଢ଼ ହେବ, ଯେତେବେଳେ ସେ ପ୍ରତ୍ୟେକଙ୍କୁ ଖୁସ୍ ମିଜାଜ୍‌ରେ ରଖିବାକୁ ସକ୍ଷମ ହେବେ, ଅନ୍ୟଥା ଦେଶରେ ଆଉ ଏକ ବିଦ୍ରୋହ ହେବ ବା ସେ ଆଉ ଜଣେ ନିଜର ପୂର୍ଣ୍ଣାଙ୍ଗ କାର୍ଯ୍ୟକାଳ ଶେଷ କରିବାରେ ଅସମର୍ଥ ପାକ୍ ପ୍ରଧାନମନ୍ତ୍ରୀ ଭାବରେ ବିବେଚିତ ହେବେ । ରହିଲା କାଶ୍ମୀର କଥା, କାଶ୍ମୀର ପ୍ରସଙ୍ଗକୁ ପରିଚାଳନା କରିବାରେ ତାଙ୍କର ସାମର୍ଥ୍ୟକୁ ଉଭୟ ଘରୋଇ ଏବଂ ଆନ୍ତର୍ଜାତିକ ସ୍ତରରେ ତୀକ୍ଷ୍ଣ ନଜରରେ ଅବଶ୍ୟ ଦେଖାଯିବ, ଯାହା ଭାରତର ବୋଲି ଭାରତ ପ୍ରମାଣିତ କରି ସାରିଛି । ତେଣୁ ଶେହବାଜ ଯେ ସପନର ପଛେ ପଛେ ଚାଲିଛନ୍ତି, ଯେଉଁ ସ୍ୱପ୍ନ କ୍ୱଚିତ୍ ପୂରଣ ହୋଇ ପାରିବ, ତାହା କହିବା କ୍ୱଚିତ୍ ଅସମୀଚୀନ ହେବ।



# ବିଧାନସୌଧରେ 'ପାକ୍ -ଜିନ୍ଦାବାଦ' ସ୍ଲୋଗାନ

## ସୌମେନ୍ଦ୍ର ଜେନା

ଭାରତର ଦେଶ ବିଭାଜନ ଧର୍ମକୁ ଆଧାର କରି ହୋଇଥିଲେ ହେଁ ପାକ୍ ସମର୍ଥକଙ୍କୁ ପାକିସ୍ଥାନକୁ ଯିବାପାଇଁ ତତ୍କାଳୀନ କଂଗ୍ରେସ ଚାହୁଁ ନଥିବାରୁ ସଂଖ୍ୟାଧିକ ପାକ୍ ସମର୍ଥକ ଭାରତରେ ରହିଥିଲେ। ସେମାନଙ୍କ ପିଢି ପରେ ପିଢି ଆଜିଯାଏ ଭାରତ ମଧ୍ୟରେ ବସବାସ କରୁଥିଲେ ହେଁ ହୃଦୟକୁ ପାକ୍‌ଚରଣରେ ହିଁ ସମର୍ପିତ କରିଆସିଛନ୍ତି । ଦେବ ଆରାଧାନାକୁ ବନ୍ଦ କରିବାକୁ ଚାହୁଁଥିବା ଦେଓବନ୍ଦ ଯେମିତି ଅତୀତରେ ପାକ୍‌ଗଠନର ମୂଳଭିତ୍ତି ପକାଇଥିଲା, ଏବେ ମଧ୍ୟ ଭାରତରେ ଅଧିକ ସଂଖ୍ୟକ ପାକ୍ ଗଠନର କାର୍ଯ୍ୟ କରିଆସିଛି । ନିକଟରେ ଦେଶ ବିରୋଧୀ ଫତୱା ଜାରି ହେବା ତାର ଏକ ସ୍ପଷ୍ଟ ପ୍ରମାଣ । ଠିକ୍ ସେମିତି ଦେଶ ବିଭାଜନ ସପକ୍ଷରେ ଭୋଟ ଦେଇଥିବା ଦକ୍ଷିଣ ଭାରତର ସଂଖ୍ୟାଧିକ ଲୋକେ ଆଦୌ ପାକ୍‌କୁ ଯାଇନଥିଲେ ମଧ୍ୟ ପାକ୍ ପ୍ରେମକୁ ଆଜିଯାଏଁ ମଜଭୁତ କରି ରଖି ଆସିଛନ୍ତି । କେବେ ସିମି, କେବେ ଇଣ୍ଡିଆନ ମୁଜାହିଦ୍ଦିନ, କେବେ ପିଏଫ୍ଆଇ, କେବେ ପିଡିଏଫ୍ଆଇ, ଇଣ୍ଡିଆନ ମୁସଲିମ ଲିଗ୍ ନାମକ ସଂଗଠନ ଆଢୁଆଳରେ ଦେଶ ବିରୋଧୀ କାର୍ଯ୍ୟ ଏପର୍ଯ୍ୟନ୍ତ ଜାରି ରଖିଛନ୍ତି । ଏମାନଙ୍କର ପ୍ରବେଶ ଭିନ୍ନ ଭିନ୍ନ ରାଜନୈତିକ ଦଳରେ ହୋଇଛି । ଚଳିତ ଫେବୃଆରୀ ମାସ ୨୭ତାରିଖ ଦିନ ସେମିତି ଏକ ଘଟଣା କର୍ଣ୍ଣାଟକର ବିଧାନସୌଧଠାରେ ଘଟିଛି । ବେଙ୍ଗାଲୁରୁସ୍ଥିତ ବିଧାନସୌଧ ପରିସରରେ କଂଗ୍ରେସର ତିନିଜଣ ନବନିର୍ବାଚିତ ରାଜ୍ୟସଭା ସାଂସଦ ସେମାନଙ୍କ ସମର୍ଥକମାନଙ୍କ ସହ ଆନନ୍ଦୋତ୍ସବରେ ଥିଲାବେଳେ ସେମାନଙ୍କ ମଧ୍ୟରୁ ଜଣେ ନାସିର ହୁସେନଙ୍କ ସମର୍ଥକମାନେ "ପାକିସ୍ଥାନ ଜିନ୍ଦାବାଦ" ସ୍ଲୋଗାନ ଦେଇଥିଲେ ବୋଲି ଏକ ଅଭିଯୋଗପତ୍ର ବିଧାନସୌଧ ପୁଲିସ ଥାନାରେ ଦାଖଲ କରାଯାଇ ତିନିଜଣଙ୍କୁ ଗିରଫ କରାଯାଇଛି । ରାଜ୍ୟସଭା ପାଇଁ ଭୋଟଗଣତି ସମୟରେ ନାସିରଙ୍କ ଅନେକ ସମର୍ଥକ ବିଧାନସୌଧ ପରିସର ମଧ୍ୟରେ ରହିଥିଲେ, ଯେଉଁମାନେ ନାସିରଙ୍କ ବିଜୟରେ ଉତ୍‌ଫୁଲ୍ଲିତ ହୋଇ ନାସିରଙ୍କ ବିଜୟକୁ ପାକ୍‌ର ବିଜୟ ବୋଲି କହିବାକୁ ପଛାଇଲେ ନାହିଁ। ବିଗତ ଦିନମାନଙ୍କରେ ସିଦ୍ଧରମେୟାଙ୍କ ସରକାର କର୍ଣ୍ଣାଟକରେ ଆସିବା ପରଠାରୁ ଭାରତ ବିରୋଧୀ ଶକ୍ତିଗୁଡିକର ସାହସ ବଢିବା ଦେଖାଯାଇଛି। କର୍ଣ୍ଣାଟକ ବିଧାନସଭାରେ ବିଧାୟକ ବିକେ ହରିପ୍ରସାଦ ନିକଟରେ କହିଥିଲେ ଯେ "ପାକିସ୍ଥାନ ଭାରତୀୟ ଜନତା ପାର୍ଟି ପାଇଁ ଶତ୍ରୁରାଷ୍ଟ୍ର,ଆମ ପାଇଁ ନୁହେଁ ।" ଏହାର ଉତ୍ତରରେ କର୍ଣ୍ଣାଟକ ବିଧାନସଭାର ବିରୋଧୀ ଦଳ ଉପନେତା ଅରବିନ୍ଦ ବେଲ୍ଲାଡ କହିଛନ୍ତି, "ଭାରତ ଓ ଭାରତୀୟଙ୍କ ପାଇଁ ପାକିସ୍ଥାନ କଣ କରିଛି ତାହା ଆମ ସମସ୍ତଙ୍କୁ ଜଣାଅଛି । ଏଥିରୁ କଂଗ୍ରେସର ମାନସିକତା ଜଣାପଡୁଛି। ସଂଖ୍ୟାଲଘୁ ଏବଂ ମୁସଲିମ ସନ୍ତୁଷ୍ଟିକରଣ କରି ଭୋଟ ପାଇଁ କଂଗ୍ରେସ ଯେ କୌଣସି କାର୍ଯ୍ୟ କରିପାରେ ।"

ସେହିପରି ଅନ୍ୟ ଏକ ଘଟଣା ୧ ମାର୍ଚ୍ଚ ୨୦୨୪ ଖରାବେଳେ ବେଙ୍ଗାଲୁରେ ଘଟିଛି । ଶୁକ୍ରବାର ଦିନ ବେଙ୍ଗାଲୁରୁର ହ୍ୱାଇଟଫିଲ୍ଡ ଅଞ୍ଚଳରେ 'ଦି ରାମେଶ୍ୱରମ୍ କେଫ୍' ନାମକ ଏକ ଜଳଖିଆ ଦୋକାନରେ ଦୁଇଦୁଇଥର ବିସ୍ଫୋରଣ ହେବା ଯୋଗୁ ୯ଜଣ ଗ୍ରାହକ ଆହତ ହୋଇ ସ୍ଥାନୀୟ ବ୍ରୁକସଫିଲ୍‌ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି ।ଏହି ଘଟଣାରେ ଆଇଇଡି ବିସ୍ଫୋରକ ବ୍ୟବହାର କରାଯାଇଥିବା ଜଣାପଡିଛି । ଗ୍ରାହକଭାବେ କେଫ୍‌କୁ ଖାଇବାକୁ ଆସିଥିବା ଜଣେ ଗ୍ରାହକ ସାଙ୍ଗରେ ଆଣିଥିବା ଦୁଇଟି ପ୍ୟାକେଟକୁ କେଫ୍‌ରେ ଛାଡି ଚାଲିଯାଇଥିଲା, ଯାହା ଅଳ୍ପ ସମୟ ବ୍ୟବଧାନରେ ଦୁଇଥର ବିସ୍ଫୋରଣ ଘଟାଇଥିଲା । ଏହି ଘଟଣାପରେ ବିରୋଧୀଦଳ ନେତା ଏ ଅଶୋକ କହିଛନ୍ତି "ଯେବେ ଯେବେ କଂଗ୍ରେସ ଦଳ ସରକାରକୁ ଆସିଥାଏ, ସନ୍ତ୍ରାସବାଦୀ ଓ ବିରୋଧୀ ଶକ୍ତି ନିଜକୁ ଶକ୍ତିଶାଳୀ ମନେ କରିଥାନ୍ତି । କଂଗ୍ରେସ କର୍ଣ୍ଣାଟକରେ ଲୋକଙ୍କ ସୁରକ୍ଷାର ଗ୍ୟାରେଣ୍ଟି ଦେବା ଆବଶ୍ୟକ। କାରଣ ରାଜ୍ୟରେ କ୍ଷମତାକୁ ଫେରିବାପରେ କଂଗ୍ରେସ ସରକାର ପୂର୍ବରୁ ଗିରଫ ହୋଇ ରହିଥିବା ଅନେକ ଉଗ୍ରବାଦୀ ଗୋଷ୍ଠୀର ଲୋକଙ୍କୁ ଜେଲରୁ ମୁକ୍ତ କରିଛି । ପିଏଫ୍ଆଇ ଗୋଷ୍ଠୀର ଲୋକଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରି ଆଇନକୁ ହୁଗୁଳା କରିଛି। କର୍ଣ୍ଣାଟକରେ ସରକାର କେବଳ ଯେ ଏତିକିରେ ସୀମିତ ରହିଛି ତା ନୁହେଁ। ତୃଷ୍ଟିକରଣ ରାଜନୀତି କରିବାକୁ ଯାଇ ପାକ୍ ସମର୍ଥକ ଓ ଭାରତ ବିରୋଧୀଙ୍କୁ ସଂଗଠିତ କରିବାରେ ଲାଗିଛି। କେନ୍ଦ୍ର ସରକାରଙ୍କୁ ବିରୋଧ କରିବାକୁ ଚେଷ୍ଟା କରି ଦେଶ ବିରୋଧୀ ସ୍ତରକୁ ମଧ୍ୟ ଯିବାକୁ ପଛାଇନାହିଁ ।" ବିଗତ ଦିନରେ ତାମିଲନାଡୁର ସରକାର ଯେପରି ଦକ୍ଷିଣ ଭାରତର ସ୍ୱତନ୍ତ୍ରତା, ହିନ୍ଦୀ ବନାମ ତାମିଲ, ବ୍ରାହ୍ମଣ ବନାମ ଦ୍ରାବିଡ, ରାମ ବନାମ ରାବଣ ବିଚାରକୁ ପ୍ରାଧାନ୍ୟ ଦେଇ ଆସିଛି, ଠିକ୍ ସେହି ମାର୍ଗରେ କର୍ଣ୍ଣାଟକ ସରକାର ଆଗକୁ ଯାଉଥିବା ଦେଖିବାକୁ ମିଳିଛି। ନିକଟରେ ୨୪-୨୫ ଫେବୃଆରୀ ୨୦୨୪ରେ ବେଙ୍ଗାଲୁରୁଠାରେ କର୍ଣ୍ଣାଟକ ସରକାର ସମ୍ବିଧାନର ଭବିଷ୍ୟତ ସଂକ୍ରାନ୍ତରେ ଏକ ଆଲୋଚନାଚକ୍ର ଆୟୋଜନ କରିଥିଲେ। ସେହି ଆଲୋଚନାରେ ଅଂଶଗ୍ରହଣ କରି ବକ୍ତବ୍ୟ ରଖିବା ଲାଗି ବ୍ରିଟେନର ୱେଷ୍ଟ ମିନିଷ୍ଟରର ଜଣେ ଅଧ୍ୟାପିକା ଓ ବ୍ରିଟେନର ନାଗରିକ ନିତାଶା କାଉଲକୁ ନିମନ୍ତ୍ରଣ କରିଥିଲେ । ୨୨ ଫେବୃଆରୀ ଦିନ ନିତାଶା ବେଙ୍ଗାଲୁରୁ ବିମାନବନ୍ଦରରେ ପହଞ୍ଚିବା ପରେ ତାକୁ ବିଦେଶ ଫେରିଯିବା ଲାଗି କୁହାଯାଇଥିଲା। କେନ୍ଦ୍ର ସରକାର ଭାରତରେ ତାଙ୍କ ପ୍ରବେଶ ଚାହୁଁ ନଥିବା କୁହାଯାଇଥିଲା ।

ଦେଖିବାକୁ ଗଲେ ନିତାଶା ଦୀର୍ଘଦିନ ଧରି ଆନ୍ତର୍ଜାତିକ ସ୍ତରରେ ଜଣେ ପାକ୍ ସମର୍ଥକ, ଭାରତ ବିରୋଧୀ, ପାକ୍‌ର କାଶ୍ମୀର ନୀତିର ସମର୍ଥକ ଭାବେ କାର୍ଯ୍ୟ କରିଆସିଛି । ସେ ଆଇଏସ୍ଆଇ ଏଜେଣ୍ଟାରେ କାର୍ଯ୍ୟ କରୁଥିବା ଭାରତ ମୂଳର ବିଦେଶୀ ଅଧ୍ୟାପିକା । ତା ନିକଟରେ ଓସିଆଇ କାର୍ଡ (ଭାରତ ମୂଳର ବିଦେଶୀ) ରହିଥିଲା। ଅତୀତରେ ଅତିସ ତାସିର, ଅଶୋକ ସ୍ୱାଇଁଙ୍କୁ ମଧ୍ୟ ଭାରତରେ ପ୍ରବେଶ ଅଧିକାର ମିଳିନଥିଲା। ଆଜି ବିଦେଶରେ ଅନେକ ଭାରତ ମୂଳର ଲୋକ ରହିଛନ୍ତି ଯେଉଁମାନେ ବିଦେଶୀ ସ୍ୱେଚ୍ଛାସେବୀ ସଂଗଠନ, ଭାରତ ବିରୋଧୀ ଗୋଷ୍ଠୀ, ଭାରତ ବିରୋଧୀ ରାଷ୍ଟ୍ରର ପ୍ରରୋଚନାରେ କାର୍ଯ୍ୟ କରୁଛନ୍ତି। ସେଥିପାଇଁ ସେମାନେ ଆର୍ଥିକ ସହାୟତା ମଧ୍ୟ ପାଉଛନ୍ତି । କିନ୍ତୁ ଭାରତରେ ପ୍ରବେଶାଧିକାର ଦେବା କ୍ଷେତ୍ରରେ ଭାରତ ସରକାରଙ୍କ ଅଧିକାର ରହିଛି । ଦେଶର ସମ୍ମାନ ଓ ସ୍ୱାଭିମାନ ଦୃଷ୍ଟିରୁ କୌଣସି ଭାରତ ବିରୋଧୀକୁ ଭାରତରେ ଭାଷଣ ଦେବାଲାଗି ଖୋଲାମେଲା କରି ଛାଡିଦେଇ ହେବନାହିଁ । ନିତାଶା ୧୧ମାର୍ଚ୍ଚ ୨୦୧୭ରେ ନିଜର ଟ୍ୱିଟର ପୃଷ୍ଠାରେ ଲେଖିଥିଲା "ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ହେଉଛି ଭାରତର ଏକ ଅର୍ଦ୍ଧସାମରିକ ବାହିନୀ ଯାହା ସନ୍ତ୍ରାସବାଦୀଙ୍କୁ ଜନ୍ମ ଦେଇଥାଏ । ବିଜେପିର ସଦସ୍ୟ ଥିବା ମୋଦୀଙ୍କ ଦଳ ଏହାର ରାଜନୈତିକ ଶାଖା" । ପୂର୍ବରୁ ସେ କାଶ୍ମୀରରେ ଘଟିଥିବା ହିନ୍ଦୁ ନରସଂହାରକୁ "ଇସଲାମିକ କ୍ରାନ୍ତି" ଭାବେ ବର୍ଣ୍ଣନା କରିଥିଲା। ସେ ଗ୍ଲୋବାଲ ସ୍କୁଲରେ ଅଧ୍ୟାପନା କାଳରେ ଛାତ୍ରଛାତ୍ରୀଙ୍କ ପାଇଁ ଭାରତ ବିରୋଧୀ ପାଠ ପ୍ରସ୍ତୁତ କରିଥାଏ । ମଲାଲାର କାଶ୍ମିର ସଂକ୍ରାନ୍ତରେ ପ୍ରଦତ୍ତ ମନ୍ତବ୍ୟକୁ ନିତାଶା ସେୟାର କରି ସମର୍ଥନ କରିଥିଲା । ୩ ଜୁଲାଇ ୨୦୧୫ରେ ନିତାଶା ନିଜ ଟ୍ୱିଟରରେ ଲେଖିଥିଲା, "ପାଗଳ ଗୋରୁ ରୋଗ, ଆରଏସ୍ଏସ୍ ପ୍ରଜାତି" । ନିତାଶା ୧ ନଭେମ୍ବର ୨୦୧୦ରେ ଟ୍ୱିଟରରେ ଲେଖିଥିଲା "ଦାୟିତ୍ୱହୀନ ଗଣମାଧ୍ୟମ, ବିଜେପି, ଆର୍ଏସ୍ଏସ୍ ଗୁଣ୍ଡା ଓ ହିନ୍ଦୁ ବ୍ରିଗେଡ ହେଉଛନ୍ତି ଭାରତର ସବୁଠୁ ବଡ ସନ୍ତ୍ରାସବାଦୀ ଗୋଷ୍ଠୀ। ଏମାନଙ୍କୁ ଭାରତ ସରକାର ନିନ୍ଦା କରିବା ଦରକାର ।" ଏଥିରୁ ବ୍ରିଟେନ ନାଗରିକ ନିତାଶାର ଭାରତପ୍ରତି ଦୃଷ୍ଟିକୋଣ ବେଶ୍ ସ୍ପଷ୍ଟ ।

ଦେଶର ରାଜନୈତିକ ଦଳ ପରସ୍ପରକୁ ସମାଲୋଚନା କରିବାକୁ ଯାଇ ଦେଶର ସମାଲୋଚନା ପାଇଁ ବିଦେଶୀଲୋକଙ୍କୁ ଡାକିବା ଆଦୌ ଗ୍ରହଣୀୟ ନୁହେଁ । ଅତୀତରେ ମନମୋହନ ସିଂହ କାଶ୍ମିରର ସନ୍ତ୍ରାସବାଦୀଙ୍କ ସହ ଫଟୋ ଉଠାଇଥିଲେ । ତାଙ୍କ ସମୟର ଉପରାଷ୍ଟ୍ରପତି ବିଦେଶରେ ଅଧିକାରୀ ଥିଲାବେଳେ ଭାରତର ଗୋଇନ୍ଦା ଅଧିକାରୀଙ୍କୁ ଇରାନ ହାତରେ ବନ୍ଦୀ କରାଇଥିଲେ । ଅତୀତରେ କଂଗ୍ରେସ ସରକାରରେ କେନ୍ଦ୍ର ମନ୍ତ୍ରୀ ହୋଇଥିବା ମଣିଶଙ୍କର ଆୟାର ଲାହୋରରେ କହିଥିଲେ "ମୁଁ ଦେଶର ପରିସ୍ଥିତିରେ ବେଶ ନିରାଶ ହୋଇଛି । ୨୦୧୪ପରେ ସେହି ଦେଶରେ ରହିପାରିବି ବୋଲି ମୋର ମନେ ହେଉନାହିଁ,ଯେଉଁଠି ୧୯୪୧ରେ ଜନ୍ମ ହୋଇଥିଲି, ୬ବର୍ଷ ବୟସରେ ନିଜକୁ ସ୍ୱାଧୀନ ଭାରତର ନାଗରିକ ଅନୁଭବ କରିଥିଲି ।" ନେହେରୁ ଓ ଗାନ୍ଧି ପାକ୍‌ର ସହଯୋଗ ପାଇଁ କେଉଁ ସ୍ତରକୁ ଯାଇଥିଲେ ତାହା ସମସ୍ତଙ୍କୁ ଜଣାଅଛି । ଅନାବଶ୍ୟକ ଆର୍ଥିକ ସହଯୋଗ, ଶତ୍ରୁ ସଂପତ୍ତିର ସୁରକ୍ଷା, ଶତ୍ରୁ ସଂପତ୍ତିକୁ ହାତକୁ ନେଇ ମୁସଲିମ ସଂସ୍ଥାକୁ ସମର୍ପଣ କରିବା ଭଳି କାର୍ଯ୍ୟ କରିଥିଲା ବେଳେ ଆଜି ପାକିସ୍ଥାନରେ ନା ହିନ୍ଦୁ ସଂପତ୍ତିର ସୁରକ୍ଷା ମିଳିଛି ନା ହିନ୍ଦୁ ସଂଗଠନକୁ ସୁରକ୍ଷା ମିଳିଛି । ନେହେରୁ ଆଉ ଦୁଇପାଦ ଆଗକୁ ଯାଇ ଚୀନ୍‌କୁ ମିତ୍ରଦେଶ ମନେକରି ସୀମାନ୍ତର ସୁରକ୍ଷାକୁ ଦୁର୍ବଳ କରିଥିଲେ । ଫଳରେ ୧୯୬୨ରେ ଚୀନ ଭାରତର ଅଞ୍ଚଳକୁ ଦଖଲ କଲାପରେ ମଧ୍ୟ ପାର୍ଲିଆମେଣ୍ଟରେ କହିଥିଲେ ଯେ "ଘାସ କଅଁଳୁ ନଥିବା ଅଞ୍ଚଳଗୁଡିକୁ ଚୀନ ମାଡିଥିବା ହେତୁ ଚିନ୍ତା କରିବାର ନାହିଁ ।" ମିତ୍ର ଓ ଶତ୍ରୁ ମଧ୍ୟରେ ଫରକ ଜାଣୁନଥିବା ଏହି ରାଜନେତାମାନଙ୍କ ଅପରିଣାମଦର୍ଶିତା ପାଇଁ ଭାରତ ଆଜିଯାଏ ରକ୍ତାକ୍ତ, କ୍ଷତିଗ୍ରସ୍ତ ହୋଇଆସିଛି । ଏବେ କିନ୍ତୁ ସେମାନଙ୍କ ଷଡଯନ୍ତ୍ରପୂର୍ଣ୍ଣ କାର୍ଯ୍ୟକୁ ଲୋକେ ସମର୍ଥନ କରିବେ ନାହିଁ, ଏହା ନିଶ୍ଚିତ।


ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩




# ମୋଦୀଙ୍କ ପରିବାର

## ସୌର ଚନ୍ଦ୍ର ମହାପାତ୍ର

ସମଗ୍ର ଭାରତବାସୀ ହେଉଛନ୍ତି ତାଙ୍କ ପରିବାରର। ଏହିପରି ହୃଦୟସ୍ପର୍ଶୀ ଆବେଦନ ରଖିଛନ୍ତି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ତଥା ବିଜେପିର ମୁଖ୍ୟ ଚେହେରା ଏବଂ ସମଗ୍ର ବିଶ୍ୱର ଅନ୍ୟତମ ପ୍ରଭାବୀ ତଥା ଶକ୍ତିଶାଳୀ ରାଜନେତା କୁହାଯାଉଥିବା ନରେନ୍ଦ୍ର ମୋଦୀ। ଟିକିଏ ପଛର ଆଲୋଚନା ରଖିବା। ୨୦୧୪ ନିର୍ବାଚନ ପୂର୍ବର କଥା। ଉପାସରକାର ଓ କଂଗ୍ରେସ ତମାମ ସରିଜ ଦୁର୍ନୀତିରେ ଛନ୍ଦି ହୋଇଯାଇଥିଲା। ଆନ୍ନା ହଜାରେଙ୍କ ଆନ୍ଦୋଳନକୁ ନେଇ ସମଗ୍ର ଦେଶରେ କଂଗ୍ରେସ ବିରୁଦ୍ଧରେ ଏକ ବଡ଼ ବାତାବରଣ ସୃଷ୍ଟି ହୋଇଥିଲା। ଏହି ସମୟରେ ଭାଜପା ଗୁଜୁରାଟର ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାମ୍ନାକୁ ଆଣି ପ୍ରଧାନମନ୍ତ୍ରୀ ଚେହେରା ଭାବେ ଉପସ୍ଥାପନ କରିଥିଲା। ଆଉ ଫଳ ଯାହା ହୋଇଥିଲା ତାହା ସମଗ୍ର ଭାରତବାସୀଙ୍କୁ ଜଣା। ତତ୍କାଳୀନ ସମୟରେ କ୍ଷମତାରେ ଅନ୍ଧ ହୋଇଥିବା କଂଗ୍ରେସ କଳ୍ପନା ସୁଦ୍ଧା କରିନଥିଲା ଯେ ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ଏପରି ଜାତୀୟ ରାଜନୀତିକୁ ପ୍ରଭାବିତ କରିପାରିବେ। ଯାହାପାଇଁ ମୋଦୀଙ୍କ ବିରୁଦ୍ଧରେ କଂଗ୍ରେସ ତାର ସମସ୍ତ କଳ, ବଳ ଓ କୌଶଳକୁ ଏକ ପ୍ରକାର ଜାନରେ ଲଗାଇ ଦେଇଥିଲା। ସାମ୍ପ୍ରଦାୟିକ ନେତା, ମୌତ କି ସୌଦାଗର ଓ ମୁସଲିମଙ୍କ ହତ୍ୟାକାରୀ ଏହିପରି ଭାବେ ଚିତ୍ରଣ କରିଥିଲା। ତାଙ୍କର ଆଉ ଜଣେ ନେତା ମଣିଶଙ୍କର ଆୟାର ପାଦେ ଆଗକୁ ଯାଇ କଂଗ୍ରେସର କାର୍ଯ୍ୟକ୍ରମରେ ଏପରି ଜଣେ ଚା ବିକାଳୀଙ୍କୁ ଡାକିବା ବୋଲି ମଧ୍ୟ ମନ୍ତବ୍ୟ ଦେଇଥିଲେ। କିନ୍ତୁ ଏପରି ନେଗେଟିଭ ପ୍ରଚାର ପ୍ରକାରାନ୍ତରେ ବିଜେପି ଓ ମୋଦୀଜିଙ୍କୁ ହିଁ କ୍ଷତି ତ କରିନଥିଲା ବରଂ ସାହାଯ୍ୟ କରିଥିଲା ଯାହାଦ୍ୱାରା ମୋଦିଜୀଙ୍କ ନିଜସ୍ୱ ପ୍ରଭାବ, ବ୍ୟକ୍ତିତ୍ୱ ଓ ସାଂଗଠନିକ ଦକ୍ଷତା ସହ ଭାରତୀୟଙ୍କ ପ୍ରତି ଭଲପାଇବା ଫୁଟି ଉଠିଥିଲା। ୨୦୧୪ ନିର୍ବାଚନରେ ଏନଡିଏକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ମିଳି ଭାଜପା ଶାସନକୁ ଆସିଥିଲା। କଂଗ୍ରେସର ଚା ବାଲାର ଆକ୍ଷେପର ଜବାବରେ ଭାଜପା 'ମେଁ ହୁଁ ଚାୟେ ବାଲା' ଦେଶ ସାରା ଏପରି କଡ଼ା ବାର୍ତ୍ତା ସୃଷ୍ଟି କରିଥିଲା ଯେ କଂଗ୍ରେସ ଚିତପଟାଙ୍ଗ ମାରିଥିଲା।

ସେହିପରି ୨୦୧୯ ନିର୍ବାଚନ ପୂର୍ବରୁ ଅପରିପକ୍ୱ ରାଜନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କୁ ଆକ୍ଷେପ କରିଥିଲା 'ଚୌକିଦାର ଚୋର ହୈ'। ଦେଶ ସାରା 'ମେଁ ଭି ଚୌକିଦାର ହୁଁ' ଅଭିଯାନ ଆରମ୍ଭ କରିଥିଲା ବିଜେପି। ସୋସିଆଲ ମିଡ଼ିଆରେ ଏହା ଏପରି ଭାଇରାଲ ହେଲା ଯେ ନିର୍ବାଚନରେ ମୋଦୀ ଜଣେ ବଡ଼ ଫିଗର ଭାବେ ଉଭା ହେଲେ। ଯାହାର ଫଳସ୍ୱରୂପ ପ୍ରଚଣ୍ଡ ବହୁମତରେ ଭାଜପା କେନ୍ଦ୍ରରେ ସରକାର ଗଢ଼ିଲା। ସମାଲୋଚନାକୁ କିପରି ପରିବର୍ତ୍ତନ କରିହୁଏ ଏବଂ ସମାଲୋଚନାକୁ ସହ୍ୟ କରି ଦେଶ ସେବା ପାଇଁ ଜଣେ ବ୍ରତୀ କରିପାରେ ଏହାର ବଡ଼ ପ୍ରମାଣ ନରେନ୍ଦ୍ର ମୋଦିଜୀ। ଏବେ ଲାଲୁଙ୍କ ପରି ଜଣେ ଅଭିଜ୍ଞ ନେତା ମୋଦୀଙ୍କ ପରିବାରବାଦ ଉପରେ ଅପଚେଷ୍ଟା କରିଥିଲେ। କିନ୍ତୁ ଏହି ସ୍ଲୋଗାନକୁ ଭାଜପା ନିଜର ଭୋଟ ଟ୍ରେଲରରେ ପହଞ୍ଚାଇ ଦେଇଛି। ସୋସିଆଲ ମିଡ଼ିଆରେ ମୋଦୀକା ପରିବାର ଏକ ନୂଆ ଟ୍ରେଣ୍ଡରେ ପରିଣତ ହୋଇଛି। ଏହାର ଜବାବ ଦେବାକୁ ଯାଇ ତେଲେଙ୍ଗାନା ସଭାରେ ମୋଦିଜୀ କହିଛନ୍ତି ଦେଶର ୧୪୦ କୋଟି ଲୋକ ତାଙ୍କ ପରିବାର। ଏହାଦ୍ୱାରା ବିରୋଧୀଙ୍କ ବିରୁଦ୍ଧରେ ନିଜେ ସୃଷ୍ଟି କରିଥିବା ପରିବାରବାଦ ଅସ୍ତ୍ରକୁ ସୁନ୍ଦର ଭାବେ ପ୍ରୟୋଗ କରିଦେଲେ ମୋଦିଜୀ। ଏହାସହ ସାଧାରଣ ଜନତାଙ୍କୁ ମୋଦିଜୀ ପରିବାର ସହ ଯୋଡ଼ିବାର ଏକ ବଡ଼ ଅଭିଯାନ ଆରମ୍ଭ ହୋଇଗଲା।

ଅଗଲି ବାର ଚାରିଶହ ପାର ଏନଡିଏ ପାଇଁ ଏହି ଚାରିଶହ ବିଜୟ ସମ୍ଭାବନା ସୃଷ୍ଟି କରିଛି ଭାଜପା। ମାନସିକ ସ୍ତରରେ ଦୁର୍ବଳ ଥିବା ଭାରତର ବିରୋଧୀ ଦଳ ନିଜର ଅସ୍ତିତ୍ୱକୁ ନେଇ ବିକଳ ହେଉଥିବାବେଳେ ଭାଜପାର ରଣକୌଶଳ ଆଗରେ ସେମାନେ ଛନ୍ଦି ହୋଇପଡୁଛନ୍ତି ମୋଦିଜୀଙ୍କ ପରିବାର ଏମିତି ଏକ ଅସ୍ତ୍ର ଯାହାର ଜବାବ ବିରୋଧୀ ଦଳ ପାଖରେ ନାହିଁ। ମୋଦୀ ସରକାରଙ୍କ କୌଣସି ଏପରି ନୀତି ନାହିଁ ଯାହାକୁ ହୁଏତ ବିରୋଧୀ ଦଳ ପ୍ରଭାବିତ କରିପାରିବେ। ବିଶ୍ୱ ଗୁରୁ ଭାବେ ଭାରତ ଆଜି ଯେଉଁପରି ଭାବରେ ପରିଚିତ ହେଲାଣି ଏବଂ ମୋଦିଜୀ ଲଗାତାର ଭାବେ ବିଶ୍ୱର ପ୍ରଭାବଶାଳୀ ଓ ସର୍ବମାନ୍ୟ ନେତା ଭାବେ ବିଶ୍ୱବାସୀଙ୍କ ସାମ୍ନାରେ ପରିଚିତ ହେଲେଣି ଏହା ହିଁ ଭାରତର ବହୁତ ବଡ଼ ସମ୍ମାନ। ଭାରତର ଅଭିବୃଦ୍ଧି ଭାରତର ବିକାଶ ହେଉଛି ମୋଦିଜୀଙ୍କ ମୁଖ୍ୟ ଏଜେଣ୍ଡା। ତେଣୁ ଅଗଲି ବାର ଚାରଶହ ପାର ଭାଜପା ପାଇଁ କିଛି ବଡ଼ ଯୋଜନା ନୁହଁ। ସମଗ୍ର ଭାରତୀୟଙ୍କୁ ଭଲ ପାଉଥିବା, ଭାରତୀୟଙ୍କ ପାଇଁ ପ୍ରତି ମୁହୂର୍ତ୍ତ କାର୍ଯ୍ୟ କରୁଥିବା ଏବଂ ସମଗ୍ର ଭାରତବାସୀ ହିଁ ମୋଦିଜୀଙ୍କ ପରିବାରର ଏହି ସତ୍ୟକୁ ସମସ୍ତେ ଗ୍ରହଣ କରିବା ଉଚିତ।


ବରିଷ୍ଠ ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
'ସତ୍ୟାଳୟ' ପ୍ଲଟ ନଂ -
୧୦୮୭/ଡ଼ି, ସେକ୍ଟର-୬, କଟକ
ମୋ: ୯୪୩୭୦୦୪୪୬୬





### ଆମ୍ବ ବଉଳର ବାସ

#### ନୀଳମଣି ଚାନ୍ଦ

ପାଦ ଥାପି ଦିଅ ଆମ୍ରକୁଞ୍ଜରେ
ଶୁଭିଲାଣି ପିକ ତାନ
ଶୀତ ଫେରିଲାଣି ଧରିତ୍ରୀ ବକ୍ଷରୁ
କରି କେତେ ଅଭିମାନ।

କଅଁଳ ପତରେ ଦିଶେ ମନୋହର
ଆହା ଯେ ପାଦପରାଜି
ଫଗୁଣ କହୁଛି ନିଜ ମନ କଥା
ଶୁଭବେଳାରେ ସେ ଆଜି।

ମଳୟ ପରଶେ ପାଦପ ବଦଳି
ଚନ୍ଦନ କାଳେ ହୁଏ
ମୋ ଆଇର କଥା ଆଜି ଆସି
ମୋ'ର
ମନ ଗହୀରକୁ ଛୁଏଁ।

ଅଶୋକ ପେନ୍ଥାରେ ପରଜାପତିର
ଚାଲେ ଲୁଚକାଳି ଖେଳ
କେଉଁଠାରୁ ଆସି ମଧୂପ କେତେରେ
କଲେଣି ତା ପାଶେ ମେଳ।

ଏ ଋତୁରାଜର ଇଏ ମଧୁମାସ
ପୁଲକିତ ହୁଏ ମନ
ବୋଳିଛି ସିଏରେ ରଙ୍ଗଟି ଆଣି
ହସେ ତରୁଲତା, ବନ।

ହାତ ଠାରି ଡାକେ ସତେ କି ଫଗୁଣ
ଆସରେ ସଭିଏଁ ଆସ
ଚଣା ଧରିଗଲେ ଆଉ କେଉଁ ମଜା
ଆମ୍ବ ବଉଳର ବାସ।


+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


### ଦାନ

#### ଐଶ୍ୱର୍ଯ୍ୟା ପ୍ରଧାନ

କଜ୍ଜ୍ୱଳ ବୋଲା ଦୁଇ ନୟନର
କୋଣରେ
କିଛିଟା ମୁକ୍ତା ଟୋପା
କାହାପାଇଁ ଝରିଯାଏ ଯଦି
ଲେଖା ହୋଇଥାଏ ତା ନାଁ
ତା ପ୍ରତିଛବି ଆଙ୍କି
ହୋଇ ଥାଏ ସେ ମୁକ୍ତାରେ
ସତରେ,
ପ୍ରେମରେକେତେ ମୁଲ୍ୟବାନ
ଏ ଟୋପା ଟୋପା ଲୁହର ଦାନ !

ପ୍ରେମ ଯେବେ ହାରିଯାଏ
ଭାଙ୍ଗି ଯାଏ ଦୁଇଟି ହୃଦୟ
ମରି ଯାଏ ସାଉଁଟି ଥିବା ସ୍ୱପ୍ନ
ମିଳେ ବିରହ ବେଦନା
ସାଥୀକୁ ଝୁରି ହୁଏ ମନ
ସତରେ କେତେ ମୁଲ୍ୟବାନ ଏ
ତ୍ୟାଗ,
ଏ ପ୍ରେମର ଦାନ !

ଛାତି ଭିତରଟା ପାଲଟିଛି
ସ୍ପନ୍ଦନ ହୀନ
ହୃଦୟ କନ୍ଦର ପରା
ଦେବତା ଶୁନ୍ୟ
ତଥାପି
ଧୂପ, ନୈବେଦ୍ୟ, ଫୁଲ
ଆଉ ମୋ ଜୀବନ,
ସର୍ବସ୍ୱ ତ କଲି ସମର୍ପିତ
ସତରେ,
କେତେ ମୁଲ୍ୟବାନ ଏ ସମର୍ପଣ !


କନ୍ଧେଇମାଳ, ଉକ୍ରୋଲା,କଳାହାଣ୍ଡି
ମୋ: ୭୦୦୮୯୩୧୫୯୯


### ସ୍ତ୍ରୀ ଲୋକ

#### ସଞ୍ଜୟ ଖେମୁଣ୍ଡୁ


ହଁ ମୁଁ ସ୍ତ୍ରୀ ଲୋକ
ତୁମେ ମୋତେ ଦୁର୍ବଳା ଅବଳା କହି
ତୁମ ପୌରୁଷ୍ୟର ଡିଣ୍ଡିମ ସାରା
ସଂସାରରେ ପିଟିବୁଲ
ତୁମ ନଜରରେ ମୁଁ ଗୋଟେ
ସମ୍ପତ୍ତି ଭାବି
ମୋ ଉପରେ ତୁମ ମାଲିକାନା
ଜାହିର କର
ତଥାପି ମୁଁ ମଥାପାତି ସବୁ ସହିଯାଏ
କାରଣ ସହନଶୀଳତା ହେଉଛି ସ୍ତ୍ରୀ
ଲୋକର ପରମ ଧର୍ମ ।

ତୁମେ ବିଚ ରାସ୍ତାରେ
ମୋ ଡହ ଡହ ଲାଲ ରକ୍ତରେ
ହୋଲି ଖେଳି ପାର
ଭରା ସଭା ତଳେ ମୋର
ବସ୍ତ୍ର ହରଣ କରି
ମୋ ସୁଲୋଭ ଅଙ୍ଗ ପ୍ରତ୍ୟେଙ୍ଗକୁ
ଉପଭୋଗ କରିପାର
ତୁମ ଇଚ୍ଛାରେ ମୋତେ
ଗର୍ଭବତୀ କରି
ଘୋର ବନସ୍ତ ଭିତରେ
ଛାଡ଼ିଦେଇ ପାର
ବିନା କାରଣରେ ମୋତେ
ଅଭିଶାପ ଦେଇ
ନିମିଷେକ ମଧ୍ୟରେ ପଥର
କରିଦେଇ ପାର
ହେଲେ ମୁଁ ତୁମର ମଙ୍ଗଳ ପାଇଁ
ଯୁଗ ଯୁଗ ଧରି ପ୍ରାୟଶ୍ଚିତ କରୁଥିବି
କରିନଥିବା ଭୁଲଟିର
ଦଣ୍ଡ ଭୋଗୁଥିବି କୌଣସି ପାପ ନ
କରି
ଆଉ ଚାହିଁକି ବି କିଛି କରି ପାରୁନଥିବି
କାରଣ ପତିବ୍ରତ ପାଳନ
କରିବା ହେଉଛି
ସ୍ତ୍ରୀ ଲୋକର ପ୍ରଧାନ କର୍ତ୍ତବ୍ୟ ।

ତୁମେ ମୋର ନିନ୍ଦା ଓ ଅପବାଦ
କରି ଲେଖ
ପୂରାଣ ଓ ସଂହିତାରେ
ପୃଷ୍ଠା ପରେ ପୃଷ୍ଠା
ଆଉ ମୋର ମନକୁ ବୁଝାଇବା ପାଇଁ
ଲେଖିଦିଅ ଧାଡ଼ିଟିଏ -
ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର
ଦେବତାଃ
ତୁମେ ମୋର ଯେତେ ନିନ୍ଦା ଓ
ସମାଲୋଚନା କର
ମୋର କିଛି ଫରକ ପଡ଼େନା
କିନ୍ତୁ ମୋ ଉପରେ କରାହେଇଥିବା
ପ୍ରଶଂସାର
ଏହି ଗୋଟିଏ ଧାଡି ହିଁ ମୋ ହୃଦୟକୁ
ଜିତିବାରେ ଯଥେଷ୍ଟ
କାରଣ ନିନ୍ଦାକୁ ପରିତ୍ୟାଗ କରି
ପ୍ରଶଂସାକୁ ଆଦରି ନେବା ହେଉଛି
ସ୍ତ୍ରୀଲୋକର ଏକ ମହାନ ଗୁଣ ।

ସ୍ତ୍ରୀ ଲୋକଟି ସହନଶୀଳା
କିନ୍ତୁ ଜାଣିରଖ ସେ କେବେ ଅବଳା
କି ଦୁର୍ବଳା ନୁହେଁ
ଆଉ ଏହା ବି ଜାଣି ରଖ
ସେ ଚାହିଁଲେ ସୃଷ୍ଟି ବି କରିପାରେ
ଆଉ ବିନାଶ ବି
ସେ ଚାହିଁଲେ ନିଆଁ ନ ଜଳାଇ
ସୁନାର ଲଙ୍କାକୁ ବି
ଜାଳିପୋଡ଼ି ଛାରଖାର କରିପାରେ
ଅସ୍ତ୍ର ନ ଉଠାଇ କୁରୁକ୍ଷେତ୍ର ଯୁଦ୍ଧର
ବିଜୟ ମୁକୁଟ ପିନ୍ଧିପାରେ
ଆଉ ସେ ଚାହିଁଲେ ଗୋଟେ ଯୁଗକୁ
ପାତାଳ ପୁରକୁ ଚାପିଦେଇ
ଆଉ ଏକ ନୂତନ ଯୁଗର ଅୟମ
ଆରମ୍ଭ କରିପାରେ ।


ସ୍ନାତକୋତ୍ତର ଓଡ଼ିଆ
ବିକ୍ରମଦେବ ବିଶ୍ୱବିଦ୍ୟାଳୟ
ଜୟପୁର, କୋରାପୁଟ
ଫୋନ -୭୮୫୪୦୧୦୫୧୯




# ଦୂରନ୍ତ ଶିଖା

ଭାଗ-୭



ଡ.ସିନ୍ଧୁ ସେନ୍

ଶୃଙ୍ଖଳା ବିଷୟରେ ଧ୍ୟାନ ଦେବାକୁ ପଡୁଥିଲା । ହେଲେ ଆଜି ସେହି ଅପରିଚିତ ତରୁଣୀ ଜଣକ ମୋତେ ଦୈହିକ ଶିକ୍ଷା ଦେଇ ମୋତେ ଆଉ ଏକ ମଧୁମୟ ଜୀବନର ରାସ୍ତା ଦେଖାଇଦେଲା । ଯୌବନର ପ୍ରଥମ ସ୍ୱାଦ ମୋ ମନରେ ଅନେକଦିନ ଧରି ଆବୋରି ରଖିଥିଲା । ତରୁଣୀଟିର ସଂସ୍ପର୍ଶ ମୋତେ ଏକ ଅଜଣା ପୁଲକରେ ପୁଲକିତ କରୁଥିଲା । ଇଚ୍ଛା ହେଉଥିଲା, ଆଉ ଆଶ୍ରମକୁ ନଯାଇ ଏହିଠାରେ ରହିଯିବ । ସେହି ତରୁଣୀଟିକୁ ପୁଣି ଆଉଥରେ ଭେଟିବି। ମୋର ଅସ୍ତ୍ରଚାଳନା ବିଦ୍ୟା ସେତିକି ଥାଉ । ମୁଁ ଏ ଦେହସୁଖକୁ ଜଳାଞ୍ଜଳି ଦେଇ ପୁନର୍ବାର ଆଶ୍ରମକୁ ଫେରି ପାରିବିନି । ଦେହର ସୁଖ ଯେ ଏତେମାତ୍ରାରେ ମାନସିକ ଶାନ୍ତି ଦେଇପାରେ, ସେଦିନ ମୁଁ ପ୍ରଥମ କରି ଅନୁଭବ କରିଥିଲି, ଯୌବନର ଯେ ଏକ ଦୁର୍ବାର ଆକର୍ଷଣ ରହିଛି, ତାହା ମୁଁ ସେଦିନ ପ୍ରଥମ କରି ଜାଣିବାର ସୁଯୋଗ ପାଇଲି । ଯେଉଁ ଅନୁଭୂତି ମୋର ସାରାଜୀବନ ଧରି ଏକ ସ୍ମରଣୀୟ ଘଟଣା ହୋଇ ରହି ଯାଇଥିଲା ।

|| ପାଞ୍ଚ ||

ଅନେକ ସମୟରେ ପରେ ବୁଦାମୂଳରୁ କିଛି ଖସ୍‌ଖସ୍ ଶବ୍ଦ ଶୁଣି ମୁଁ ହୋସ୍‌କୁ ଫେରିଲି । ଦେଖିଲି ଜଣେ ରାକ୍ଷସ ତରୁଣ ବୁଦାମୂଳରୁ ବାହାରି ମୋ ପାଖରେ ଥିବା ତରୁଣୀଟିକୁ ଡାକି ପକାଇ, ତା ହାତଧରି ଚାଲିଗଲା । ମୁଁ ନିର୍ବାକ୍ ଭାବେ ଅନାଇ ରହିଥିଲି ତାର ଗତିପଥକୁ। ଦୁହେଁ ହାତ ଧରାଧରି ହୋଇ ହସିହସି ଚାଲିଯାଉଥିଲେ । ସେ ଦୁହିଁଙ୍କୁ ମୁଁ ଏକଲୟରେ ଅନାଇ ରହିଥିଲି । ମୋ ଦୃଷ୍ଟିରୁ ଅନ୍ତର ନହେବା ପର୍ଯ୍ୟନ୍ତ ମୁଁ ସେ ଦୁହିଁଙ୍କୁ ଦେଖୁଥିଲି । ମନେମନେ ଆମୋଦିତ ମଧ୍ୟ ହେଉଥିଲି ।

ସେଦିନ ଥିଲା ମୋ ତାରୁଣ୍ୟ ଜୀବନର ପ୍ରଥମ ଅନୁଭୂତି । ଜୀବନର ଏକ ଅଭୁଲା ଘଟଣା । ଯାହା ଅନେକଦିନ ଧରି ମୋ ହୃଦୟରେ ଆଲୋଡ଼ନ ସୃଷ୍ଟି କରିଥିଲା । ତନୁମନରେ ଭରି ଦେଇଥିଲା ଅନେକ ରୋମାଞ୍ଚ । ସେଦିନ ପ୍ରଥମ କରି ମୁଁ ଅନୁଭବ କଲି, ନାରୀ ଦେହର ମଧୁକୁ। ଆଶ୍ରମ ଜୀବନରେ ତ ଅନେକ କାମନା ବାସନାକୁ ଜଳାଞ୍ଜଳି ଦେଇ ନିଷ୍ଠାର ସହ ସାଧନା କରିବାକୁ ପଡୁଥିଲା । ହେଲେ ଏବେ ତରୁଣୀ ଜଣକର ସଂସ୍ପର୍ଶରେ ଆସି ମୁଁ ପ୍ରଥମେ ଅନୁଭବ କଲି ନାରୀ ଦେହର ବାସ୍ନା, ଦେହର ସୁଖ ପୁଣି ଏତେ ମଧୁମୟ ହୋଇପାରେ । ତାହା ମୁଁ ନିଜେ ମଧ୍ୟ ଭାବିପାରୁ ନଥିଲି ।

ମନେମନେ ଭାବୁଥିଲି ବାପା ଆଶ୍ରମରେ ଆମକୁ ତ ଏମିତି କିଛି ଶିକ୍ଷା ଦେଇ ନଥିଲେ । ସେଠି ତ ମନକୁ ସଂଯତ କରି ମନ୍ତ୍ର ଉଚ୍ଚାରଣ କରିବାକୁ ପଡୁଥିଲା। ପ୍ରାତଃ ପ୍ରହରରୁ ଆଶ୍ରମର ନୀତିନିୟମ,

ବାଲିଦ୍ୱୀପର ମକର ମହୋତ୍ସବ ମୋ ଜୀବନର ଏକ ସ୍ମରଣୀୟ ଘଟଣା । କେତେବେଳେ କେତେଦିନ ପରେ ଉତ୍ସବ ସରିଗଲା । ତାହା ମଧ୍ୟ ଜାଣିପାରିଲି ନାହିଁ । ଭାବୁଥିଲି, ସବୁଦିନେ ଏମିତି ଉତ୍ସ ହୁଅନ୍ତା କି ? ଉତ୍ସବ ସରିଗଲେ ମୋତେ କ'ଣ ତେବେ ପୁନର୍ବାର ଶାକଦ୍ୱୀପର ସେଇ ଆଶ୍ରମକୁ ଫେରିଯିବାକୁ ପଡ଼ିବ ? ମୁଁ କିନ୍ତୁ ବାଲିଦ୍ୱୀପ ଛାଡ଼ିବା ପାଇଁ ପ୍ରସ୍ତୁତ ନଥିଲି । ଭାବୁଥିଲି ମାଆକୁ କହି ମାତାମହଙ୍କ ପାଖରେ ଆଉ କିଛିଦିନ ସମୟ କଟାଇଦେଲେ ଭଲ ହୁଅନ୍ତା ।

ସେଦିନ ମାତାମହଙ୍କ ସହ ସମୁଦ୍ର କୂଳରେ ବସିଥାଏ । ଆମେ ଦୁହେଁ ବାଲିଶଯ୍ୟା ଉପରେ ବସି ଗପସପ କରୁଥିଲୁ । ମାତାମହ ଅନେକ କଥା କହୁଥାନ୍ତି । ସମୁଦ୍ର ମଧ୍ୟରେ ମାଛଧରାଳୀ ମାନେ ଡଂଗାବାହି ନେଉଥାନ୍ତି । କିଏ ସମୁଦ୍ରରୁ କୂଳକୁ ବାହି ନେଉଥାଏ ତ କେହିକେହି ସମୁଦ୍ର ଭିତରକୁ ଯାଉଥାନ୍ତି । ଭାବୁଥିଲି ମାତାମହ ବୋଧହୁଏ ଏହି ମାଛଧରାଳି ମାନଙ୍କର କାହାଣୀ କହୁଛନ୍ତି । ସାଧାରଣତଃ ସମୁଦ୍ରକୂଳିଆ ଅଧିବାସୀ ମାନଙ୍କର ତ ମାଛଧରିବା ବ୍ୟବସାୟ । ତେଣୁ କୈବର୍ତ୍ତ ମାନେ ମାଛ ଧରିବେନି ତ କରିବେ କ'ଣ ? ଯିଏ ଯାହାର ବେଉସାକୁ ନେଇ ଗୁଜୁରାଣ ମେଣ୍ଟାଇବେ । ମାତ୍ର ମାତାମହଙ୍କ ପାଖରୁ ଯାହା ଶୁଣିଲି ସେଥିରେ ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ।

ମାତାମହ ମୋତେ ହିଁ ଲକ୍ଷ୍ୟ କରି କହୁଥିଲେ, ବୁଝିଲୁ ରାବଣ, ଏଇ ଯେଉଁମାନଙ୍କୁ ମାଛ ଧରିବାର ଦେଖିଲୁ, ସେମାନେ କେହି ବି କୈବର୍ତ୍ତ ନୁହଁନ୍ତି । ସମସ୍ତେ ତୁମରି ଜାତିଭାଇ, ଅର୍ଥାତ୍ ରାକ୍ଷସ ଶ୍ରେଣୀ । ସେମାନଙ୍କର ମଧ୍ୟ ଯୁଦ୍ଧ କରିବା, ବାଣିଜ୍ୟ କରିବା ଆଦି କୌଳିକ ବ୍ୟବସାୟ ଥିଲା । ଏବେ କିନ୍ତୁ ସେମାନେ ସବୁ ରାଜ୍ୟହରା । କେବଳ ରାଜ୍ୟହରା ନୁହଁନ୍ତି । ରାଜ୍ୟ ଚାଲିଯିବା ସଂଗେସଂଗେ ସେମାନଙ୍କର କୃଷି, ଶିଳ୍ପ, ବାଣିଜ୍ୟ ସବୁ ଚାଲିଯାଇଛି । ଦାରିଦ୍ରତା ସେମାନଙ୍କ ପାଇଁ କାଳ ହୋଇଯାଇଚି । ନିଜ ଦେଶରୁ ବିତାଡ଼ିତ ହୋଇ ଦେଶରୁ ଦେଶାନ୍ତର ଘୂରି ବୁଲୁଛନ୍ତି । ଏମିତି କି ନିଜର ଭରଣ ପୋଷଣ ପାଇଁ ମାଛ ଧରିବା ଭଳି ହୀନକାର୍ଯ୍ୟ କରିବାକୁ ମଧ୍ୟ ପଛାଉ ନାହାଁନ୍ତି । ଏତିକି ନ କରିଥିଲେ ସେମାନେ ଭୋକ ଉପାସରେ ଆଉ କେତେଦିନ ରହିଥାନ୍ତେ । ମୁଁ ନିଜେବି ସେମାନଙ୍କ ସହ ନିଜ ଦେଶ ଛାଡ଼ି ପଳାତକ ସାଜିଛି । ମୋ ସାଥୀ ମାନଙ୍କ ଭଳି ମୋର ମଧ୍ୟ ଆଜି ଦୂରାବସ୍ଥା । ଏତକ କହି ମାତାମହ ମୋ ମୁଣ୍ଡକୁ ଆଉଁସି ଦେଇ ଦୀର୍ଘଶ୍ୱାସ ଛାଡ଼ିଲେ ।

ମାତାମହଙ୍କ କଥାଶୁଣି ମୋ ମନରେ ଜିଜ୍ଞାସା ବଢ଼ିଲା । ମୁଁ ପଚାରିଲି ମାତାମହ ଆପଣ ନିଜ ଦେଶ ଛାଡ଼ିଲେ କାହିଁକି ? କ'ଣ କହିବି ସେ ଅନେକ କଥା । ତୁ ଧୈର୍ଯ୍ୟ ଧରି ଶୁଣିପାରିବୁ ତ ? ସେ ତ ଅନେକ ଲୁହଝରା କାହାଣୀ । ଯାହା ମୁଁ ଅଙ୍ଗେ ଲିଭାଇଛି । ଅତୀତର ସେ ଦୁଃଖଦ ଘଟଣା ଗୁଡ଼ିକ ଏବେ ବି ମୋତେ ତିଳତିଳ କରି ଜାଳିପୋଡ଼ି ଛାରଖାର କରି ଦେଉଛି। ଚେଷ୍ଟାକଲେ ବି ମୁଁ ସେସବୁକୁ ଭୁଲି ପାରୁନି । କେମିତି ଭୁଲିପାରିବି ସେ ସବୁ । ସେ ତ ମୋର ଇଜ୍ଜତର କଥା, ମୋ ସମ୍ମାନର କଥା ।

ତୋ ମନରେ ଯଦି ଜାଣିବାର ଆଗ୍ରହ ବଢ଼ି, ତେବେ ମୁଁ ଯାହା କହୁଛି, ମନଦେଇ ଶୁଣ....।

ଦିନେ ଲଙ୍କା ଥିଲା ଆମରି ରାଜ୍ୟ । ଅର୍ଥାତ୍ ରାକ୍ଷସ ମାନଙ୍କର ରାଜ୍ୟ । ଆଉ ମୁଁ ଥିଲି, ରାକ୍ଷସ ମାନଙ୍କର ରାଜା । ରାଜା ହିସାବରେ ପ୍ରଜାମାନଙ୍କୁ ମୁଁ ଅନେକ ଯତ୍ନରେ ରଖୁଥିଲି । ସେମାନଙ୍କୁ ସୁରକ୍ଷା ମଧ୍ୟ ଦେଉଥିଲି । ଆମେ ବେଶ୍ ଆନନ୍ଦରେ ଥିଲୁ । ହେଲେ ଦେବତା ମାନେ ଆମର ଐଶ୍ୱର୍ଯ୍ୟ ଦେଖି ସହିପାରିଲେ ନାହିଁ । ସେମାନେ ବିଷ୍ଣୁଙ୍କ ସହାୟତାରେ ଲଙ୍କା ଉପରେ ଆକ୍ରମଣ କଲେ । କିଛିଦିନ ଧରି ଯୁଦ୍ଧ ଚାଲିଲା । ହେଲେ ଦେବତା ମାନଙ୍କୁ ଯୁଦ୍ଧରେ ପରାସ୍ତ କରିବା ସହଜ ନଥିଲା । ସ୍ୱୟଂ ବିଷ୍ଣୁ ସେମାନଙ୍କୁ ସହାୟତା ଦେଉଥିଲେ । ତେଣୁ ପରିସ୍ଥିତି ଏମିତି ହେଲା ଯେ, ଦେବତା ମାନଙ୍କ ପାଖରେ ମୋତେ ପରାସ୍ତ ହେବାକୁ ପଡ଼ିଥିଲା । ସେଇଦିନରୁ ମୋ ମନରେ ପ୍ରତିଶୋଧର ନିଆଁ ଜଳୁଛି। ଆମେ ରାକ୍ଷସମାନେ କେମିତି ଆମ ହୃତ ରାଜ୍ୟ ଫେରିପାଇବୁ ସେଇ ଚିନ୍ତା ମୋତେ ଦିନରାତି ବ୍ୟସ୍ତ କରୁଛି । ମୁଁ ଚାହେଁ, ଲଙ୍କା ଯକ୍ଷ ମାନଙ୍କ ହାତରୁ ରାକ୍ଷସ ମାନଙ୍କ ହାତକୁ ଆସିବ । ରାକ୍ଷସ ମାନଙ୍କ ଅଧୀନରେ ରହିବ । ତୁମେ ମୋର ପୌତ୍ର। ତୁମ ଉପର ମୋର ଅନେକ ଆଶା ଆଉ ଭରସା । ମୁଁ ଜାଣେ ତୁମେ ହିଁ କେବଳ ମୋର ଏଇ ଆଶାକୁ ପୂରଣ କରିପାରିବ।

ମୁଁ କିନ୍ତୁ ଭାବିପାରୁ ନଥିଲି । ଲଙ୍କାର ରାଜା ଏବେ ମୋର ଜ୍ୟେଷ୍ଠଭାଇ କୁବେର। ସେ ତ ମୋତେ ବହୁତ ଭଲପାଆନ୍ତି ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



|| ଭାଗ-୩୫ ||

ବ୍ରହ୍ମାଙ୍କ ସୃଷ୍ଟିର ଆରମ୍ଭରେ ଅନନ୍ତ ଜୀବନ ବିଷ୍ଣୁ ଏକ ସଦ୍ୟ ଜାତ ଶିଶୁ ରୂପେ କୃଷ୍ଣ। ବର୍ତ୍ତ (କୃଷ୍ଣ ବିବର ବା ଗର୍ତ୍ତ)ରୂପକ ନାଭି, ସମୟ ରୂପକ ମୃଣାଳ ନାଡ ସହ ମାତୃତ୍ୱ ରୂପକ ଏକ ପଦ୍ମ ସହ ସଂଯୁକ୍ତ ଥିଲେ। ତାଙ୍କର ମାତା ଥିଲେ ଅଦିତି, ତାରା ବା ଅଣୁ ଜ୍ୟୋତି। ଜୀବଟିଏ ଜନ୍ମ ହେଲେ ମାତା ହେଉଛି ତାର ସର୍ବ ପ୍ରଥମ ପରିଚୟ, ଯାହାଠାରୁ ମାନବ ନାଭି, ନାଡ ଯୁକ୍ତ ହୋଇ ଜନ୍ମ ହୁଏ। ପିତାଙ୍କର ପରିଚୟ ପାଇବାକୁ ହେଲେ, ରକ୍ତ, ଶୁକ୍ରଠାରୁ ଅସ୍ଥି ପର୍ଯ୍ୟନ୍ତ ଗବେଷଣା ପ୍ରୟୋ ଜନ। ରଜ ଗୁଣ ସମ୍ପନ୍ନ ବ୍ରହ୍ମା ସେହି ମାତୃତ୍ୱ ରୂପକ ପଦ୍ମ ଉପରେ ସ୍ଥିତ ହୋଇ ନିଜର ସୃଷ୍ଟି କ୍ରିୟା ଆରମ୍ଭ କରିଥିଲେ।

ଶିଶୁର ଆୟୁଷ ବଢ଼ାଇବା ପାଇଁ ପୂର୍ବରୁ ନାଭି ନାଡ ସହ ଅନ୍ୟ ଗୋଟିଏ ମାତାକୁ ଟେକି ଦେବା ବା ସମର୍ପଣ କରାଯାଉଥିଲା। ଏହା ସେହିପରି ଏକ ସମର୍ପଣ ଥିଲା। ସେହି ଅନନ୍ତ ଜୀବନ ବିଷ୍ଣୁଙ୍କର ପ୍ରତିଟି କୃଷ୍ଣ ବିବର ରୂପକ ଲୋମ କୂପରେ, ପଞ୍ଚଭୂତମାନେ ସୃଷ୍ଟି କଲେ ମାଳ, ମାଳ ବ୍ରହ୍ମାଣ୍ଡ। ସେଥିପାଇଁ ତ ସେହି ମାତୃଶକ୍ତିର ନିୟନ୍ତ୍ରଣ ମଧ୍ୟରେ ଉର୍ଦ୍ଧ୍ୱ ମୁଖ ଶିବ ଶକ୍ତି ! .......... ଏହି ସୀମାହୀନ ଅନ୍ତରୀକ୍ଷରେ କେଉଁଠାରେ ଅଛି ବିଷ୍ଣୁଙ୍କର ନାଭି କେନ୍ଦ୍ର ? ସେଠି ସମସ୍ତ ସ୍ଥାନ ତ ଆଦି, ସମସ୍ତ ସ୍ଥାନ ତ ମଧ୍ୟ, ସମସ୍ତ ସ୍ଥାନ ତ ଅନ୍ତ....ସମସ୍ତ ସ୍ଥାନ ତ ଅଧଃ ଓ ଉର୍ଦ୍ଧ୍ୱ... !! ଯାହାଙ୍କର ନଖ କୋଣଟିଏ ମାତ୍ର ଏହି ବିଶାଳ ଆକାଶ ଗଙ୍ଗା..!!

ଯୋଗର ସେହି ପଦ୍ମାସନ ଉପରେ ଆସୀନ ବ୍ରହ୍ମା ପୁଣି ପୃଥିବୀର ଜଳ ଭାଗ ଉପରେ କୁସୁମ ମାନଙ୍କୁ ସୃଷ୍ଟି କରିଥିଲେ । ସେମାନଙ୍କ ମଧ୍ୟରେ ସର୍ବୋତ୍ତମ। ସୁନ୍ଦରୀ ଥିଲେ ପଦ୍ମ। ଧୂଳି ପଟଳ ପରି ରଜପୂର୍ଣ୍ଣ। ମଧୁମତୀ ସେ। ସକଳ ଶକ୍ତିର ଆଧାର ଆକାଶର ସୂର୍ଯ୍ୟ ଦେବତା ତାର ପ୍ରଭୁ। ଉଭୟଙ୍କ ପାଇଁ ଉଭୟଙ୍କର କି ନିବିଡ ଆକର୍ଷଣ !! ଯୋଗ ବା ତପସ୍ୟାରେ ସାଧକ ତାର ସାମ୍ନାରେ ଏକ ଲକ୍ଷ୍ୟ ଉପରେ ହିଁ ମନ ଓ ଦୃଷ୍ଟି ଏକାଗ୍ର ରଖି ଯୋଗ ସାଧନାରେ ମଗ୍ନ ଥାଏ। ଭାରତୀୟ ଯୋଗ ଓ ବିଦେଶୀ ଯୋଗ ସାଧନା ପ୍ରଣାଳୀ ମଧ୍ୟ ସମାନ ନୁହେଁ। କୌଣସି କୃତିତ୍ୱ ପାଇଁ,ଏପରିକି ନିଜ ପ୍ରିୟ ମଣିଷ ବା ପ୍ରିୟତମାକୁ ନିକଟରେ ପାଇବା ପାଇଁ ମଧ୍ୟ ଯୋଗ କରାଯାଏ। ଆମର ଭାରତୀୟ ପ୍ରାଚୀନ ଯୋଗ ନିଜର ପ୍ରଭୁଙ୍କ ରୂପକୁ ହିଁ ସର୍ବୋତ୍ତମ ମନେ କରି ଧ୍ୟାନ କରିଥାଏ। ଯିଏ ଯେଉଁ ପରି ଚିନ୍ତାକରେ ସେତ ସେହିପରି ହୋଇଥାନ୍ତି !! ଗୋଟିଏ ପୁରୁଷ ଓ ନାରୀ ମଧ୍ୟରେ ଥିବା ଆକର୍ଷଣ ମଧ୍ୟ କେତେ ଶକ୍ତିଶାଳୀ ? ?

ଏହା ବ୍ୟତୀତ ପଦ୍ମର ମୂଳ, ମୃଣାଳ, ପତ୍ର, ଫୁଲ, ମଞ୍ଜି ଓ କେଶରରେ ଔଷଧୀୟ ଗୁଣ ରହିଅଛି। ଏଥିରେ ପୋଟାସିୟମ, ପୁଷ୍ଟିସାର, ଜୀବସାର, ଖଣିଜ ଆଦି ରହିଥାଏ। ବିଶେଷତଃ ଅଶୋକ ଫୁଲ ପରି ଏହା ନାରୀର ଋତୁ ସ୍ରାବ ଜନିତ ଅନିୟମିତ ତା ଏବଂ ଅତ୍ୟଧିକ ଋତୁ ସ୍ରାବ କୁ ନିୟନ୍ତ୍ରିତ କରିଥାଏ। ପଦ୍ମ କେଶର, ଶିମିଳି କଣ୍ଟା,କ୍ଷୀର ସର, ହଳଦୀ ଏକତ୍ର ବାଟି ମୁଖର ପ୍ରଲେପ ରୂପେ ବ୍ୟବହାର କରି ପ୍ରତିଦିନ ଧୋଇଲେ ନାରୀ ମୁଖ ଦାଗ ଶୂନ୍ୟ, କୋମଳ ଓ ଉଜ୍ଜ୍ୱଳ ହୋଇ ଉଠେ।( ପରିକ୍ଷିତ) । ତେଣୁ ଆୟୁର୍ବେଦ ବୈଦ୍ୟଙ୍କ ପରାମର୍ଶ ନେଇ ପଦ୍ମ ଯୁକ୍ତ ଔଷଧମାନ ବ୍ୟବହାର କରାଯାଇ ପାରିବ। ଏହାବ୍ୟତୀତ ଏହାର ମୃଣାଳ ଓ ମଞ୍ଜି( ପୁଷ୍କର। ) ସୁସ୍ୱାଦୁ ଖାଦ୍ୟ ଅଟେ। ତଟ ପୁଣ୍ୟତୋୟା।....

ମହର୍ଷି କୃଷ୍ଣ ଦୈପାୟନ ବେଦ ବ୍ୟାସଙ୍କର ଧ୍ୟାନ ଭଗ୍ନ ହେଲା ।ଏକାଏକ ପତ୍ନୀ ଭଡ଼ିକା ଓ ପୁତ୍ର ଶୁକଦେବ ତାଙ୍କ ସ୍ମରଣକୁ ଆସିଗଲେ। ଏହା ସେହି ଆର୍ଯ୍ୟାବର୍ତ୍ତ ଭାରତ ଥିଲା, ଯେଉଁଠି ସଂସାର ଓ ସନ୍ନ୍ୟାସ ପରସ୍ପର ସହ ଯୁକ୍ତ ହୋଇ ରହୁଥିଲେ। ଜୀବନରେ କାମ,ଅର୍ଥ, ଧର୍ମ ଓ ମୋକ୍ଷ, ସମସ୍ତର ସମାନ ଅଧିକାର ରହିଥିଲା। ଏଠାରେ ମୁନି, ଋଷି ମାନେ ମଧ୍ୟ ଏକାଧିକ ସ୍ତ୍ରୀ, ପୁତ୍ର, କନ୍ୟା ଘେନି ସଂସାର କରିଥିଲେ।

ରାଜ ସିଂହାସନରେ ବସି ଜନକ ହୋଇଥିଲେ ରାଜର୍ଷି। ତେଣୁ ଜୀବନ ବାରମ୍ବାର ଅତିନ୍ଦ୍ରିୟ ଜଗତରୁ ପାର୍ଥିବ କର୍ତ୍ତବ୍ୟକୁ ସ୍ମରଣ କରି ଫେରି ଆସୁଥିଲା। ବ୍ୟାସଦେବ ଶ୍ରୀମଦ୍ ଭଗବତ ରଚନା ରେ ମନ ଦେଲେ।

ହଁ, ଏହିପରି ସତ୍ୟର ଜଟିଳ ତତ୍ତ୍ୱ ଗୁଡ଼ିକ ବାସ୍ତବ ବାଦୀ ସରଳ ବିଶ୍ୱାସୀ ସାଧାରଣ ମଣିଷ ମାନଙ୍କ ପାଇଁ ବୋଧଗମ୍ୟ ହେଉ ନଥିଲା। ବାସ୍ତବବାଦୀ ମଣିଷ ଶଙ୍ଖକୁ ଶଙ୍ଖ, ଚକ୍ରକୁ ଚକ୍ର, ଗଦାକୁ ଗଦା ଓ ପଦ୍ମକୁ ପଦ୍ମ ବୋଲି ବୁଝୁଥିଲା। ତେଣୁ ଆର୍ଯ୍ୟ ମାନେ ଏହି ଶକ୍ତି ତତ୍ୱକୁ ସରଳ ନମୁନାରେ ପରିଣତ କରି ନିରାକାର ଓ ଅସୀମ ବ୍ରହ୍ମଙ୍କୁ ବିଭିନ୍ନ ବିଗ୍ରହ ପ୍ରଦାନ କଲେ ଓ ମାନବ ସମାନ ପାନ, ଭୋଜନ କରାଇଲେ। ଏହି ମୂର୍ତ୍ତିମାନେ ମଣିଷର ଅଧିକ ନିକଟ ବର୍ତ୍ତୀ ହେବା ସହ ବିଶ୍ୱାସ ଭାଜନ ହୋଇ ପାରିଲେ। କ୍ରମେ ମୂର୍ତ୍ତି ପୂଜା ମଧ୍ୟ ପୂଜା, ପଦ୍ଧତି, ନୀତି, ନିୟମରେ ଅଧିକ ଜଟିଳତର ହେବାରେ ଲାଗିଲା।

ବ୍ୟାସ ଦେବ ତ୍ରିକାଳଜ୍ଞ ଥିଲେ। ସେ ଜାଣିଥିଲେ ଯେ, କଳି ଯୁଗରେ ମଣିଷ ଅର୍ଥ ଉପାର୍ଜନରେ ଅଧିକ ସମୟ ବିତାଇବା ତାକୁ ଠାକୁର ପୂଜା କରିବାକୁ ସମୟ ମିଳିବ ନାହିଁ। ତେଣୁ ଏହି ଯୁଗର ମଣିଷଙ୍କ ପାଇଁ କେବଳ ନାମ ସଙ୍କୀର୍ତ୍ତନ, ନାମ ଭଜନ, ଗାୟନ ଓ ସ୍ମରଣ କରି ପ୍ରଭୁଙ୍କ ପ୍ରିୟ ହୋଇପାରିବ। ନାମ ହିଁ କାମ କରିବ। ବିଶେଷତଃ, ବ୍ୟାସଦେବ, ଯାହାଙ୍କ ପାଇଁ ସ୍ୱୟଂ ଗଣେଶ ଲେଖନୀ ଧାରଣ କରିଛନ୍ତି, ସେ ଅବା କାହିଁକି ଏହାର ସରଳାର୍ଥ କରିବେ ? ?

ସମୟ ଆସିଲେ ପାଠକ ତାହା ଆପେ ହୃଦ୍‌ବୋଧ କରିପାରିବ।

(କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


## ଅବଳା

### ସ୍ନିଗ୍ଧା ପଣ୍ଡା



ସବୁ ସମ୍ଭାଳି ନେବ ବୋଲି
ସେ ଆଗ ନିଜକୁ ଦି'ଭାଗ କଲା
ଗୋଟେକୁ ଲୁଚେଇ ରଖିଲା ନିଜ ପାଇଁ
ଆରଟି ସମସ୍ତଙ୍କ ପାଇଁ
ଜଣେ ଓଠରେ ହସ ପିନ୍ଧି ଠିଆ ହେଲା
ଶାଗ କାଟିଲା ବେଳେ
ଭାତ ବାଢିଲା ବେଳେ
ରାତିକୁ ବୋକ ଦେଲା ବେଳେ
ଆତ୍ମାରୁ ଆୟୁଷରୁ ପୁଳେ ପୁଳେ କରି
ବାଣ୍ଟି ଦେଲା ବେଳେ
ଖୁସି ଅଛି ବୋଲି
ଦୁନିଆଁକୁ ଦେଖେଇବାକୁ
ଥରକୁ ଥର ରଙ୍ଗ ଲଗେଇଲା
କଣଖିଆ ନଖରେ
ପୁରୁଣା ଗୀତ ଗୁଣୁଗୁଣେଇଲା
ଜାଣି ଜାଣି ଥରେ ଥରେ
କବାଟ ସେ ପଟେ ଠିଆ
କରେଇଲା ଆର ଜଣକୁ
ଯିଏ ଲୁହରେ ଭିଜେ
ଏକୁଟିଆ ପଣରେ ହଜେ
ଦର୍ପଣ ଆଗରେ ଅଚିହ୍ନା ହୁଏ ନିଜର
ଗାଧୁଆ ଘରେ ଧୋଇ ପକାଏ
ବହଳ ସ୍ୱପ୍ନର ଲିଭୁ ନଥିବା ଦାଗମାନଙ୍କୁ
ଦାନ୍ତ ଚାପି ପିଇପକାଏ ଯନ୍ତ୍ରଣାକୁ
ଉହୁଁଟିଏ ବି କରେନି
କାଳେ ଆର ଜଣକର ମୁଖା ଫିଟିଯିବ
ତମେ ତାକୁ ଅବଳା କୁହ ଯେ
ସତରେ କଣ ସେ ଅବଳା
ତା' ପରି ତମେ କଣ ଏମିତି
ନିଜକୁ ଭାଗ କରି ଜିଇଁ ପାରିବ ?
ଜିଇଁ ପାରିବ ଜୀବନ ଯାକ ?
ପାରିବ ?


+ମୋ-୯୮୬୧୩୨୩୬୫୦


## ଝିଅ

### ବିକାଶୀ ପ୍ରିୟଦର୍ଶିନୀ ରାଉତ



ଝିଅ....... ଘିଅ
ଅନେକ କୁହନ୍ତି, କାହିଁକି ଏମିତି ?
ରହଣିଆ ଘିଅ ଗନ୍ଧାଏ ଭାଆରି
ଆଉ ବୟସର ଆଧିକ୍ୟ....
ଝିଅ ମୁହଁରେ ବାରି ପଡ଼େ କୁଆଡେ
ସବୁଥିରେ କଟକଣା ତା ପାଇଁ ।

ଏଇ ! ଝିଅଟା ହେଇ
ଏମିତି କ'ଣ ଘୋଡ଼ିଙ୍କ ଭଳି
ଦାନ୍ତ ଦେଖାଉଛୁ ?
ଏମିତି କାଇଁ ବେ'ସଣ୍ଡଣାରେ ବସିଛୁ ?
ଏମିତି କିଆଁ ଘଣ୍ଟା ଘଣ୍ଟା ରୁଷୁଛୁ ?
ଏମିତି କ'ଣ ପାଇଁ ଦୁମୁ ଦୁମୁ ଚାଲୁଛୁ ?
ଏମିତି ଅଣ୍ଡିରାଙ୍କ ପରି କାଇଁକି ବୁଲୁଛୁ ?
ଏମିତି କାଇଁକି ଖୋସା ବାନ୍ଧିଲୁ
ଏମିତି କାଇଁକି ଲୁଗା ପିନ୍ଧିଲୁ
ରାନ୍ଧିବା ଶିଖ, କାନ୍ଦିବା ଶିଖ
ଠାକୁର ପୂଜା ଶିଖ,
ବାସନ ମଜା ଶିଖ,
ଶିଖ... ଶିଖ... ଶିଖ...
ସେତିକି ପାଠ ଥାଉ
ସାଠ ଶିଖ..... ।

ଓଃ..... କେତେ ଆପତ୍ତି
ତଥାପି ସେ ପାଦକୁ ପାଦ ମିଶାଇ
ଚାଲିବାକୁ ଚେଷ୍ଟା କରେ ସମାଜ ରେ
ପାଇବାକୁ ଇପ୍ସିତ ଖୁସି,
ତ୍ୟାଗର ସଭାବ ବିଞ୍ଚି ହେଇପଡେ
ତା ତନୁ ମନରୁ.......
ସଫଳତାର ଶୀର୍ଷ
ଯେତେ ସ୍ପର୍ଶ କରୁଥିଲେ ବି
ବଢ଼େନି ତା ଗାରିମାର ଡିହ...
ଅନେକ କହନ୍ତି...କହୁଥାଆନ୍ତି
ଝିଅ... ସବୁବେଳେ ଘିଅ ।


+ ସହକାରୀ ଶିକ୍ଷୟିତ୍ରୀ ବଡପଲ୍ଲୀ ପ୍ରାଥମିକ ବିଦ୍ୟାଳୟ, ରାଜନଗର, କେନ୍ଦ୍ରାପଡ଼ା




## ଝଞ୍ଜା

### ରତ୍ନପ୍ରଭା ବାଇ



ଫଗୁଣ ଭିଜିଲା ପରି ଅବିର ରଙ୍ଗରେ
ସଂପର୍କ ତ ଭିଜିଥିଲା ଆତ୍ମ ବିଶ୍ୱାସରେ ,
ବାସ୍ନା ଭରା ବସନ୍ତର କୋଇଲି କୁହୁରେ
ଜୀବନ ତ ପୁଲକିତ ହେଉଥିଲା
ପବିତ୍ର ପ୍ରେମରେ ।
ଏବେ କିନ୍ତୁ , ଫଗୁଣରେ ଅଛି ଫୁଲ
ଭଅଁର ବି ଅଛି,
ମହୁଲ ମହକ ନେଇ,ଦକ୍ଷିଣରୁ
ଧିରେ ଧିରେ ମଳୟ ବୋହୁଛି ।
ଡାଳରୁ ଡାଳକୁ ଉଡି ,
କୁହୁ କୁହୁ କୋଇଲି ଗାଉଛି
ନୀଳ ଆକାଶର ଭସା ବଉଦ ଫାଙ୍କରୁ
ତୋଫା ତୋଫା ଜୋଛନା ଝରୁଛି ।
ହେଲେ,ବୈଶାଖ ନହେଉଣୁ
ଭିଜା ସଂପର୍କର ଭୂଇଁ ଫାଟି
ଜୀବନକୁ ଜଳାଇ ଦେଉଛି ।


+ ତାଳଚେର ଟାଉନ, ଅନୁଗୁଳ
ମୋ -୯୩୩୭୯୭୨୭୪୯


## ଦୁହିତା

### ପୁଷ୍ପାଞ୍ଜଳି ପଣ୍ଡା



ନିହାତି ନିଜର ପରି
ଲାଗୁଥିବା ଲୁହ ତା'ର
ଝୁରି ଝରେ ଧାର ଧାର ହୋଇ
କେତେ ଘାତ ପ୍ରତିଘାତ ସହି।
ଆହାଃରେ ଦୁହିତା
ଦୁଇକୂଳ ହିତା
ଯାର କ୍ଷଣିକେ ବଦଳିଯାଏ ଭାଗ୍ୟ ।
ମିଳିଥାଏ ଆଶୀର୍ବାଦ
ସଦା ସୌଭାଗ୍ୟ ବତୀ ଭବ।
ନିରୁତା ଅନୁଭବର କଥା
ଭବିଷ୍ୟକୁ ଦେଖି ଯଦି ପାରିଥାନ୍ତା
ତା ଜୀବନ ସ୍ରଷ୍ଟା
ସଅଁପି କି ଥାଆନ୍ତା ସେ
ଅଲିଅଳୀ ଦୁହିତାକୁ ତାର
ସାଥୀ କରି ଚାଲିବାକୁ
ସଂସାରର ଲମ୍ବିଥିବା
କଣ୍ଟାଯୁକ୍ତ ଜୀବନ ଯାତ୍ରାରେ ।
ଦୁହିତା ସେ ସଦାବେଳେ
ହାରୁଥାଏ ତା ନିଜସ୍ୱ ସତ୍ତା
କ୍ଷତାକ୍ତ ଯନ୍ତ୍ରଣା ସିକ୍ତ ଅସ୍ତିତ୍ୱର
ପରିଧି ଭିତରେ।
ଅନ୍ତ ସ୍ୱର ତାର ଦବି ଦବି
ହଜିଯାଇ କରୁଥାଏ
କାଳେ କାଳେ କରୁଣ ବିଳାପ
ପ୍ରତିକ୍ଷଣ ଭାଙ୍ଗୁଥାଏ
ସୁଖର ସଂସାର ,
ଆଶା ଆଉ ପ୍ରତ୍ୟାଶାର
ଉପେକ୍ଷା ଝାଞ୍ଜିରେ।
ବୟସର ଅୟସଟା
ଶେଷ ହୋଇ, ଶେଷ ନୃତ୍ୟ
ଆରମ୍ଭଇ ଯେବେ,
ସ୍ଥୂଳ ଶରୀରକୁ ସ୍ଥାଣୁ କରି
କରୁଥାଏ ଦୁହିତାକୁ ମୃତ୍ୟୁ ମନସ୍କ
କଁଅଳ ତା ହୃଦୟରେ
ଶୂନ୍ୟତା'ର ବହଳ ଅନ୍ଧାରେ।


+ଷ୍ଟାଟିଷ୍ଟିକାଲ୍ ଅଫିସର, କେନ୍ଦ୍ରାପଡ଼ା

# ମୁକ୍ତା ଯୋଜନା ମାଧ୍ୟମରେ ବଜାର ବନ୍ଧର ହେବ ପୁନଃଉଦ୍ଧାର ସହ ସୌନ୍ଦର୍ଯ୍ୟକରଣ



ଘୁ.ଉଦୟଗିରି, ୦୬/୩ (ନି.ପ୍ର): ସ୍ଥାନୀୟ ସହରବାସୀଙ୍କ ଜୀବନ ରେଖା ପାଲଟିଥିବା ବହୁ ପ୍ରତୀକ୍ଷିତ ପୁରାତନ ବଜାର ବନ୍ଧର ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର ଦାବି ଆଜି ମୁକ୍ତା ଯୋଜନା ମାଧ୍ୟମରେ ପୂରଣ ହେବାକୁ ଯାଉଛି। ଉକ୍ତ ପୋଖରୀର ପୁନରୁଦ୍ଧାର ନିମନ୍ତେ ଜନସାଧାରଣ ବହୁ ଥର ଦାବି କରିଥିବା ନେଇ ବିଭିନ୍ନ ଗଣମାଧ୍ୟମ ଖବରକାଗଜ ରେ ପ୍ରକାଶ ପାଇଥିଲା। ଜନସାଧାରଣଙ୍କ ଦାବିକୁ ଗ୍ରହଣ କରି ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ପୋଖରୀ ଗୁଡ଼ିକର ପୁନରୁଦ୍ଧାର ଓ ନବୀକରଣ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ସହ ଅଧକ୍ଷା, ଉପାଧ୍ୟକ୍ଷ ଓ କାଉନସିଲର ମାନଙ୍କ ଉପସ୍ଥିତିରେ ପରିଷଦ ବୈଠକରେ ଆଲୋଚନା ପରେ ପୋଖରୀ ପୁନରୁଦ୍ଧାର ଯୋଜନା ପ୍ରସ୍ତାବକୁ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିକାରୀଙ୍କ ନିକଟକୁ ପଠାଇଥିଲେ। ଯାହାର ଆଜି ସୁଫଳ ଦେଖିବାକୁ ମିଳିଛି ଗୃହ ଓ ନଗର ଉନ୍ନୟନ ବିଭାଗ,ଓଡ଼ିଶା ସରକାର ଙ୍କ ନିର୍ଦ୍ଦେଶ କ୍ରମେ ମୁକ୍ତା ଯୋଜନା ମାଧ୍ୟମରେ ମିସନ ଶକ୍ତି ଗ୍ରୁପ ଦ୍ୱାରା ସହରରେ ଥିବା ୩ଟି ପୋଖରୀ ଯଥା ୪ ନମ୍ବର ୱାର୍ଡ଼ ସ୍ଥିତ ବଜାର ବନ୍ଧ, ୭ ନମ୍ବର ୱାର୍ଡ଼ ବେହେରା କଲୋନି, ୮ ନମ୍ବର ୱାର୍ଡ଼ ମସଜିଦ୍ ଗଳି ଠାରେ ଥିବା ବହୁ ଦିନର ପୋଖରୀଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ମିସନ ଶକ୍ତି ଗ୍ରୁପ ଗୁଡ଼ିକୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମଙ୍ଗଳବାର ପରିଷଦ ଅଧକ୍ଷା ସୁଶ୍ରୀ ଦେବସ୍ମିତା ଶତପଥୀ, ଉପାଧକ୍ଷ ସନ୍ତୋଷ କୁମାର ବାଘ, କାଉନସିଲର ଭାରତୀ ବେହେରା, ମୋନାଲିସା ଦଳବେହେରା, ପ୍ରକଳ୍ପ ସଂଯୋଜକ ପ୍ରଭାତ ରଞ୍ଜନ ସାହୁ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସାହୁ, ମିସନ ଶକ୍ତି ଗ୍ରୁପ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ପୋଖରୀ ପୁନଃ ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆସନ୍ତା ଦୁଇ ମାସ ମଧ୍ୟରେ ପୋଖରୀ ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ କରାଯିବା ନେଇ ଅଧକ୍ଷା ସୁଚନା ପ୍ରଦାନ କରିଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟ୍ରମା କେୟାର ସେଂଟର ଲୋକାର୍ପିତ

ଝାରସୁଗୁଡ଼ା, ୦୬/୩ (ନି.ପ୍ର): ପଶ୍ଚିମ ଓଡ଼ିଶାର ଅନ୍ୟତମ ଶିଳ୍ପନଗରୀ ଝାରସୁଗୁଡ଼ା ସହରରେ ଦୀର୍ଘଦିନ ପରେ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସେବା ଯୋଡ଼ି ହୋଇଛି । ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟ୍ରମା କେୟାର ସେଂଟର ଲୋକାର୍ପିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ହୋଇଥିବା ଏହି ଉଦଘାଟନୀ ସମାରୋହରେ ଝାରସୁଗୁଡ଼ା ବିଧାୟିକା ସୁଶ୍ରୀ ଦିପାଳୀ ଦାସ, ଜିଲ୍ଲାପାଳ ଅବୋଲି ସୁନିଲ ନରୱାନେ, ଝାରସୁଗୁଡ଼ା ଏସପି ସ୍ମିଥ ପି ପରମାର, ଜେ ଏସ୍ ଡବ୍ଲୁ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅନିଲ କୁମାର ସିଂହ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପଧାନ ପରିଚାଳନା କରିଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଦଳାଇ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବୁଲୁନାଥ ସାହୁ, ହସ୍ପିଟାଲ୍ ପରିଚାଳକ କୁମାର ଅଭିଷେକ ପ୍ରମୁଖ କାର୍ଯ୍ୟକ୍ରମ ତତ୍ତ୍ୱାବଧାନ କରିଥିଲେ ।

# ସୁବର୍ଣ୍ଣପୁରରେ ବିଜୁ ବାବୁଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ଓ ପଂଚାୟତରାଜ ଦିବସ ପାଳିତ

ସୁବର୍ଣ୍ଣପୁର, ୦୬/୩ (ନି.ପ୍ର): ସୁବର୍ଣ୍ଣପୁର ସଦର ମହକୁମାର ବିଜୁ ପଟ୍ଟନାୟକ ଛକ ଠାରେ ସ୍ୱର୍ଗତ ବିଜୁ ବାବୁଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ଓ ପଂଚାୟତରାଜ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବରେ ସୋନପୁର ପୌର ପରିଷଦ ଅଧକ୍ଷା ତାମସୀ ତପସ୍ୱିତା ନାଏକ, ସମ୍ମାନିତ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ନିଗମ ପ୍ରାକ୍ତନ ଅଧକ୍ଷ ଅଭିମନ୍ୟୁ କୁଶଳ, ବିଜେଡି ଉପଦେଷ୍ଟା ନିଳାମ୍ବର ଶତପଥି, ସୋନପୁର ପୌର ପରିଷଦ ପ୍ରାକ୍ତନ ଅଧକ୍ଷ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ପୌର ଉପାଧକ୍ଷ୍ୟା ମଲ୍ଲିକା ଦାନୀ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ପୀୟୁଷ ପଣ୍ଡା, ବିଜେଡ଼ି ଟାଉନ୍ ସଭକ୍ଷପତି ଜନ୍ମଜୟ ପାତ୍ର, ବିଜେଡ଼ି ଆଇନ୍ ପରାମର୍ଶ ଦାତା ବାବୁଲାଲ ଦାଶ, ସୀତାରାମ ମିଶ୍ର ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତିରେ ଧୂପ ଦୀପ ଓ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାଉନସିଲର ବାସନ୍ତୀ ମେହେର, ବନିତା ପ୍ରଶାୟତ, ମୌସୁମୀ ନାଏକ, ରାଜ କିଶୋର ରାଓ, ମହିଳା ନେତ୍ରୀ ରିତାଞ୍ଜଳି ପାତ୍ର, ବିଜେଡ଼ି ର ବରିଷ୍ଠ ଓ ଯୁବ ନେତା ସୋମନାଥ ସାହୁ, ଆନନ୍ଦ ପାତ୍ର, ପ୍ରକାଶ ବେବର୍ତା, ପ୍ରଭାତ ଦାନୀ, ମନୋରଞ୍ଜନ ତ୍ରୀପାଠୀ, ସିତୁନ ମିଶ୍ର, ସକ୍ଷନ୍ତୁନୁ ବାଗ, ସିତୁ ମହାପାତ୍ର, ଗୋପାଳ ମେହେର, ବାବୁଲା ମିଶ୍ର, ଭାସ୍କର ବାବୁ ଶ୍ରଦ୍ଧାକର ଦାଶ ପ୍ରମୁଖ ଶତାଧିକ ଦଳୀୟ ନେତୃ ମଣ୍ଡଳୀ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିବା ସହ ବିଭିନ୍ନ ନାରା ଦେଇଥିଲେ।

# ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି କାଲାପାଲ୍ଲି ମାଷ୍ଟର କଲୋନୀବାସୀ

ମାଲକାନଗିରି, ୦୬/୩ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ ପୋଡ଼ଘାଟା ପଂଚାୟତ କାଲାପାଲ୍ଲି ଗ୍ରାମର ମାଷ୍ଟର କଲୋନୀରେ ୨୦ ରୁ ୨୫ ପରିବାର ବସବାସ କରୁଥିବା ବେଳେ ଗ୍ରାମରେ ନଳକୂପ ନାହିଁକି ସପ୍ଲାଏ ପାଣି ମଧ ନାହିଁ। କଲୋନୀ ବାସିନ୍ଦାଙ୍କ କହିବା ଅନୁଯାୟୀ, ଆମର ପିଇବା ପାଣି ସୁବିଧା ନଥିବା ବେଳେ କୌଣସି କାର୍ଯ୍ୟ କରିବା ଯେପରି ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟ ଚାଲିଥିବା ବେଳେ ପାଣି ସମସ୍ୟା ହେଉଛି। ଆମେ ଦୁଇ କିଲୋମିଟର ଚାଲି ଚାଲି ଯାଇ ପାଣି ଆଣୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ଓ ରାଜ୍ୟ ସରକାର ସବୁ ଗ୍ରାମରେ କାନ୍ଥ ବାଡ଼ରେ ବସୁଧା ଯୋଜନା ଲେଖିଲେ ଆମର ପାଣିର ସମସ୍ୟା ଦୂର ହୋଇଯିବନି ବୋଲି ଗ୍ରାମବାସୀ ପତିକ୍ରୀୟା ରଖିଛନ୍ତି। ଆଗାମୀ ଦିନରେ ସାଧାରଣ ନିର୍ବାଚନ ଆସୁଥିବାରୁ ଆମେ ଭୋଟ ବର୍ଜନ କରିବୁ ବୋଲି କହିଛନ୍ତି। ଦେଖାଯାଉ ବ୍ଲକ ପ୍ରଶାସନ ଓ ସରକାର ଏଥିପ୍ରତି କଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଚମ୍ପୁଆରେ ବିଜୁ ଜୟନ୍ତୀ ପାଳିତ

ଚମ୍ପୁଆ, ୦୬/୩ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଳିକା ପ୍ରସାଦ ଠାରେ ବିଜେଡି ପକ୍ଷରୁ ମହାନ ଜନନାୟକ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ମହା ଆଡମ୍ବର ସହକାରେ ପାଳିତ ହୋଇ ଯାଇଛି। ଏହି ଅବସରରେ କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା'' ତାରିଣୀଙ୍କ ସହିତ ବିଜୁ ବାବୁଙ୍କ ଫଟୋଚିତ୍ରରେ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରି ଧୂପ, ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବିଧାୟକା ମିନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ପୂର୍ବତନ ସାଂସଦ ଯୋଶବନ୍ତ ସିଂ ଲାଗୁରୀ, ଚମ୍ପୁଆ ଏନ୍ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ, ଯୋଡ଼ା ମୁନ୍ସିପାଲଟି ଚେୟାରମ୍ୟାନ ଡ. ଜଗଦିଶ ପ୍ରସାଦ ସାହୁ, ଯୋଡ଼ା ଭାଇସ ଚେୟାରମ୍ୟାନ ସନ୍ଧ୍ୟାରାଣୀ ପାତ୍ର, ବଡ଼ବିଲ ମୁନ୍ସିପାଲଟି ଚେୟାରମ୍ୟାନ ଲକ୍ଷ୍ମଣ ମହାନ୍ତ, ବିଜେଡି ଜିଲ୍ଲା ସମ୍ପାଦକ ଲକ୍ଷ୍ମଣ ମହାନ୍ତ, ଯୋଡା ଟ୍ରକ୍ ମାଲିକ ସଂଘ ସଂପାଦକ ସୁଶାନ୍ତ ବାରିକ୍ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ବିଜୁ ବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଠନରେ ବିଜୁ ଜନତା ଦଳର ପ୍ରୟାସରେ ସମସ୍ତେ ସାମିଲ ହୋଇ ବଦ୍ଧ ପରିକର ହେବା ସହ ଦଳର ଏକତା, ଶୃଙ୍ଖଳା, ଅନୁଶାସନ ପାଳନ କରି ଓଡ଼ିଶା ବାସୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବା, ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ସୁରକ୍ଷା ଏବଂ ଓଡ଼ିଶାର ନାର୍ଯ୍ୟ ଦାବୀ ହାସଲ ନିମନ୍ତେ ନିର୍ଭୀକତାର ସଂଗ୍ରାମ କରିବା ସହ ଓଡ଼ିଶା ବାସୀଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ ନିରନ୍ତର କାର୍ଯ୍ୟ କରିବାକୁ ସମସ୍ତ କର୍ମୀ ଶପଥ ନେଇଥିବା ଜଣାପଡ଼ିଛି। ସଭା ଶେଷରେ ରଜିଆ ସରପଂଚ ସନ୍ତୋଷ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ବ୍ଲକର ବିଭିନ୍ନ ସ୍ଥାନରୁ ପାଂଚ ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ।

# ସ୍ୱର୍ଗତ ପ୍ରଭୁଦାନ ଭତ୍ରାଙ୍କ ତିରୋଧାନ ଦିବସ ପାଳିତ

ଜୟପୁର, ୦୬/୩ (ନି.ପ୍ର): ସ୍ଥାନୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ଏ.ଏନ. ଏମ ତାଲିମ କେନ୍ଦ୍ରଠାରେ ସ୍ୱର୍ଗତ ପ୍ରଭୁଦାନ ଭତ୍ରା ସ୍ମୃତି ସଂସଦ ଓ ଫ୍ଲୋରେନ୍ସ ନାଇଟିଙ୍ଗେଲ ଏ.ଏନ.ଏମ. କେନ୍ଦ୍ର ଜୟପୁରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନର ସଭାପତି ଯଜ୍ଞେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ସ୍ୱର୍ଗତ ପ୍ରଭୁଦାନ ଭତ୍ରାଙ୍କ ତୃତୀୟ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସ୍ୱର୍ଗତ ଭତ୍ରାଙ୍କୁ ଶ୍ରଦ୍ଧା ସୁମନ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକ ଡ. ସୁରେଶ ଦାଶ, ସମ୍ମାନିତ ବକ୍ତା ଭାବେ ଗାଳ୍ପିକା ଶୋଭାଗିନୀ ନନ୍ଦ ଏବଂ ସମ୍ମାନିତ ଅତିଥି ଭାବେ ଯଥାକ୍ରମେ କବୟିତ୍ରୀ ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଜାନକୀ ପାଣିଗ୍ରାହୀ ଏବଂ ସାହିତ୍ୟିକ ହରିହର କରସୁଧା ପଟ୍ଟନାୟକ ଯୋଗଦେଇ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସ୍ୱର୍ଗତ ପ୍ରଭୁଦାନ ଭତ୍ରାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମବେତ ଭତ୍ରା ପ୍ରେମୀଙ୍କ ମଧ୍ୟରୁ ସୁଦୂର ଟିଟିଲାଗଡ଼ରୁ ଆସିଥିବା ଟିକିଲାଲ ବେହେରା, ଛାତ୍ରୀ ପୂଜା ଗଣ୍ଡା ସ୍ୱର୍ଗତ ପ୍ରଭୁଦାନ ଭତ୍ରାଙ୍କ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ପ୍ରକାଶ ମହାନନ୍ଦିଆ ସ୍ୱର୍ଗତ ଭତ୍ରାଙ୍କ ସ୍ମୃତିଚାରଣ କରିବା ସହ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ କବି ଘାସିରାମ ମହାପାତ୍ର ଅତିଥିମାନଙ୍କ ପରିଚୟ କରିଥିବା ବେଳେ ଅନୁଷ୍ଠାନର ଛାତ୍ରୀବୃନ୍ଦ, କବି କୃଷ୍ଣଚନ୍ଦ୍ର ହୋତା ଓ ଘାସିରାମ ମହାପାତ୍ର ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ସଭାପତି ଯଜ୍ଞେଶ୍ୱର ପଣ୍ଡାଙ୍କ ଅନୁରୋଧକ୍ରମେ ସ୍ୱର୍ଗତ ଭତ୍ରାଙ୍କ ଅପ୍ରକାଶିତ ପାଣ୍ଡୁଲିପିଗୁଡିକୁ ପୁସ୍ତକ ଆକାରରେ ପ୍ରକାଶ କରି ଲୋକଲୋଚନକୁ ଆଣିବାକୁ ତାଙ୍କ ସୁପୁତ୍ର ଗୌରବ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଏ.ଏନ.ଏମ.କେନ୍ଦ୍ରର ନିର୍ଦ୍ଦେଶକ ଗୌରବ ଭତ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

# 'ନାଲ୍‌କୋ'ରେ ଜଳ ସଂକଟ: ପ୍ଲାଣ୍ଟ୍ ଅଚଳ ହୋଇଯିବା ଆଶଙ୍କା



ବଅଁରପାଳ, ୦୬/୩ (ନି.ପ୍ର): ବଅଁରପାଳ ବ୍ଲକ୍‌ର ନବରତ୍ନ କମ୍ପାନି ନାଲ୍‌କୋର ଉଭୟ ସିପିପି ଓ ସ୍ମେଲ୍ଟର ପ୍ଲାଣ୍ଟରେ ଜଳ ସଂକଟ ଦେଖାଦେଇଛି। ନାଲ୍‌କୋ କଲୋନି ଓ ପାରିପାର୍ଶ୍ୱିକ ଗାଁଗୁଡ଼ିକରେ ମଧ ପାନୀୟଜଳର ଅଭାବ ଦେଖାଦେଇଛି। ତୁରନ୍ତ ଏହି ସମସ୍ୟାର ସମାଧାନ କରା ନଗଲେ ନାଲ୍‌କୋ ପ୍ଲାଣ୍ଟ ଅଚଳ ହୋଇଯିବାର ଆଶଙ୍କା ରହିଛି ବୋଲି ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ସମଲ ବ୍ୟାରେଜଠାରୁ ନାଲ୍‌କୋକୁ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ଗତ ୧ ତାରିଖରୁ ଓଡ଼ିଶା ପାୱାର କନ୍ସୋରିୟମ୍ ସଂସ୍ଥାରେ ସ୍ଥାନୀୟ ଅଧିବାସୀମାନେ ନିଯୁକ୍ତି ଦାବିକରି ଧର୍ମଘଟ ଚଳାଇଛନ୍ତି। ଫଳରେ ସମଲ ବ୍ୟାରେଜରେ ଜଳ ନିଷ୍କାସନ ବନ୍ଦ ରହିବା ସହ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିଛି। ଆନ୍ଦୋଳନକାରୀମାନେ ସମଲ ବ୍ୟାରେଜ ପୂର୍ବବର୍ତ୍ତୀ ବାମପାର୍ଶ୍ୱ କେନାଲ ସଂପୂର୍ଣ୍ଣ ଖୋଲିଦେଇଛନ୍ତି। ଫଳରେ, ବ୍ରାହ୍ମଣୀ ନଦୀରେ ଜଳସ୍ତର କମିଯାଇଛି। ସମଲ ବ୍ୟାରେଜ୍ ପାଣି ନଛାଡ଼ିବାରୁ ଗତ ୧ ତାରିଖରୁ ନାଲ୍‌କୋ ଇନଟେକ୍ ପମ୍ପହାଉସ୍ ବନ୍ଦ ହୋଇପଡ଼ିଛି। ନାଲ୍‌କୋ ସଂରକ୍ଷିତ ଜଳଭଣ୍ଡାରରୁ ଜଳସ୍ତର କମିଯିବାରୁ ଜଳର ଉତ୍କଟ ଅଭାବ ଦେଖାଦେଇଛି। ନାଲକୋ ସିପିପି, ସ୍ମେଲଟର ପ୍ଲାଣ୍ଟ, ନାଲ୍‌କୋ ଟାଉନସିପ୍ ଓ ପାର୍ଶ୍ୱବର୍ତ୍ତୀ ଗାଁରେ ଜଳ ସଂକଟ ଦେଖାଦେଇଛି। ଜଳ ପାଇଁ ନାଲ୍‌କୋ ବ୍ରାହ୍ମଣୀନଦୀ ଉପରେ ନିର୍ଭରଶୀଳ। ନାଲକୋ ଦୈନିକ ୧ ଲକ୍ଷ ୧୦ ହଜାର କ୍ୟୁବିକ୍ ମିଟର ଜଳ ବ୍ରାହ୍ମଣୀ ନଦୀରୁ ସଂଗ୍ରହ କରୁଥିବାବେଳେ ନିଜସ୍ୱ ତାପଜ ବିଦ୍ୟୁତ କେନ୍ଦ୍ର, କୁଲିଂ ଟାୱାର ବିଦ୍ୟୁତ୍ ଉତ୍ପାଦନ ପାଇଁ ୭୦ ହଜାର କ୍ୟୁବିକ୍ ମିଟର, ସ୍ମେଲଟର ପାଇଁ ୧୦ ହଜାର କ୍ୟୁବିକ୍ ମିଟର ଜଳ ବ୍ୟୟ ହୋଇଥାଏ। ସେହି ନାଲ୍‌କୋ କଲୋନି ଅଧିବାସୀ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ଭାବେ ବାକି ଜଳ ବିନିଯୋଗ ହୋଇଥାଏ। ସମଲ ବ୍ୟାରେଜରୁ ତୁରନ୍ତ ଜଳ ଯୋଗାଣ କରା ନଗଲେ ନାଲ୍‌କୋର ଉତ୍ପାଦନ ପ୍ରଭାବିତ ହେବାର ଆଶଙ୍କା ରହିଛି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନର ସାଧାରଣ ସମ୍ପାଦକ ବିଭବ ଜେନା ରାଜ୍ୟ ଜଳସମ୍ପଦ ବିଭାଗ ସଚିବ ଓ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ଦେଇଥିବା ସୂଚନା ଦେଇଛନ୍ତି।

# ଝାରପଡ଼ା ଜେଲ୍ ଅସୁରକ୍ଷିତ: ଅବାଧରେ ପଶୁଛି ନିଶାଦ୍ରବ୍ୟ, ମୋବାଇଲ୍ ଓ ମାରଣାସ୍ତ୍ର




ଭୁବନେଶ୍ୱର, ୦୬/୩ (ନି.ପ୍ର): କେତେବେଳେ ୱାର୍ଡରେ କଏଦୀ ବାଡ଼ାବାଡ଼ି ହୋଇ ରକ୍ତାକ୍ତ ହେଲେଣି ତ କେତେବେଳେ ୱାର୍ଡରଙ୍କ ଉପରେ ଆକ୍ରମଣ କଲେଣି। କେବେ ଜେଲ୍ ଭିତରୁ ପୁଳା ପୁଳା ଗଞ୍ଜେଇ, ବ୍ରାଉନ୍‌ସୁଗାର ଜବତ ହେଲାଣି ତ କେବେ ମାଲ ମାଲ ମୋବାଇଲ୍ ମିଳିଲାଣି। ଖାଲି ଏତିକି ନୁହେଁ, ଜେଲ୍ ଭିତରେ ମାରଣାସ୍ତ୍ର ମିଳିବା ବି କିଛି ନୂଆକଥା ହୋଇ ରହିନାହିଁ। ପୁଣି କେବଳ ପୁରୁଷ କଏଦୀ ନୁହନ୍ତି, ମହିଳା କଏଦୀଙ୍କ ୱାର୍ଡରେ ମଧ ପାଖାପାଖି ସମାନ ସ୍ଥିତି ଦେଖିବାକୁ ମିଳୁଛି। ରାଜ୍ୟର ସବୁଠୁ ହାଇ ପ୍ରୋଫାଇଲ୍ ଏବଂ ହାଇ ସିକ୍ୟୁରିଟି ଜେଲ୍ ଭାବେ ପରିଚିତ ଝାରପଡ଼ା ସ୍ୱତନ୍ତ୍ର ଜେଲ୍‌ରେ ଏଭଳି ସାଂଘାତିକ ଚିତ୍ର ପଦାକୁ ଆସିଛି। ଗତ କିଛିମାସ ହେବ ଏହି ଜେଲ୍‌ର ସ୍ଥିତି ପୂର୍ବ ଅପେକ୍ଷା ଆହୁରି ବିଗିଡ଼ିବାରେ ଲାଗିଛି। ଏହି ଜେଲ୍‌ରେ କୁଖ୍ୟାତ ଗ୍ୟାଙ୍ଗଷ୍ଟରଙ୍କ ଠାରୁ ଆରମ୍ଭ କରି ହାର୍ଡକୋର ମାଓବାଦୀ ଅଛନ୍ତି। ଆତଙ୍କବାଦ ଅଭିଯୁକ୍ତ, ଅନ୍ତର୍ଜାତୀୟ ଠକେଇ ଅଭିଯୁକ୍ତ ତଥା ରାଜନୈତିକ ତଥା ଅନ୍ୟ ଦୃଷ୍ଟିକୋଣରୁ ବିବାଦୀୟ କଏଦୀ ବି ଅଛନ୍ତି, ଯେଉଁମାନଙ୍କ ଜୀବନ ପ୍ରତି ଅଛି ସାଂଘାତିକ ବିପଦ। କିନ୍ତୁ ଏଠାରେ ଯେଉଁ ଢ଼ଙ୍ଗରେ ସୁରକ୍ଷା ବ୍ୟବସ୍ଥା ହେବା କଥା, ତାହା ନାହିଁ ବୋଲି ଥରକୁ ଥର ପ୍ରମାଣିତ ହୋଇ ଚାଲିଛି। ଆହୁରି ଗୁରୁତର କଥା ହେଉଛି, ଜେଲ୍‌ର ସୁରକ୍ଷାକୁ ନେଇ କର୍ତ୍ତୃପକ୍ଷ ଯେତିକି ଗମ୍ଭୀର ହେବାକଥା, ତାହା ହେଉନାହିଁ। ମାଡ଼ପିଟ୍, ନିଶା କାରବାରର ୧୨ ମାମଲାରେ କାର୍ଯ୍ୟାନୁଷ୍ଠାନ ଶୂନ ଗତ ୨୦୨୩ ଅକ୍ଟୋବର ୧୪ ତାରିଖ ଦିନ ଜେଲ୍ ବାହାରପଟୁ ଭିତରକୁ ଛୁରି ଫିଙ୍ଗା ଯାଇଥିଲା। ଜେଲ୍ ପରିସରରୁ ୪ଟି ଛୁରି ଜବତ କରାଯାଇଥିଲା। ଏଇ ସପ୍ତାହକ ତଳେ ଜଣେ ବିଚାରପତି ଜେଲ୍‌ରେ ଯାଞ୍ଚ ବେଳେ ପୁଳାପୁଳା ନିଶାଦ୍ରବ୍ୟ ଜବତ କରିଥିଲେ। ୪ତାରିଖ ଦିନ ନିଶାଦ୍ରବ୍ୟକୁ ନେଇ କଏଦୀ ଓ ୱାଡର ମାରପିଟ୍ ହେଲେ। ଏମିତି ଘଟଣା ଏହି ଜେଲ୍‌ରେ ସାଧାରଣ ପାଲଟି ଗଲାଣି। ଗତ ୨-୩ ମାସରେ ପୁରୁଷ କଏଦୀଙ୍କ ଠାରୁ ଆରମ୍ଭ କରି ମହିଳା କଏଦୀଙ୍କ ମାଡ଼ପିଟ, ଗୋଷ୍ଠୀ ସଂଘର୍ଷ ଆଦିକୁ ନେଇ ଲକ୍ଷ୍ମୀସାଗର ଥାନାରେ ୭ରୁ ଅଧିକ ମାମଲା ହୋଇଛି। ସେହିପରି ନିଶାଦ୍ରବ୍ୟ ଓ ମୋବାଇଲ୍ ଜବତ ନେଇ ମଧ ୫ରୁ ଅଧିକ ମାମଲା ହୋଇଛି। କିନ୍ତୁ ଗୋଟିଏ ବି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। କିଏ ଜେଲ୍ ଭିତରକୁ ନିଶା ଦ୍ରବ୍ୟ ପଠାଇଥିଲା, କିଏ ମାରଣାସ୍ତ୍ର ଯୋଗାଇଥିଲା, କିଏ ମୋବାଇଲ୍ ଜେଲ୍ ଭିତରକୁ ନେଇଥିଲା- ଏସବୁ ଆଜିଯାଏ ରହସ୍ୟ ହୋଇ ରହିଛି। ଏଭଳି କାରବାର ପଛରେ କିଛି ପୁରୁଣା ଜେଲ୍ କର୍ମଚାରୀଙ୍କ ହାତ ଥିବା କଥା କୁହାଯାଉଥିଲେ ମଧ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ତ ଦୂରର କଥା, କାହାକୁ ଜେରା ବି କରାଯାଇ ନାହିଁ। ସେମାନଙ୍କ ପ୍ରତି କାହିଁକି ଏତେ ଅନୁକମ୍ପା, ସେମାନଙ୍କୁ କିଏ ଦେଉଛି ସାହସ- ଏହାକୁ ନେଇ ସାଧାରଣରେ ଅସଂଖ୍ୟ ପ୍ରଶ୍ନବାଚୀ। ଜଗିବାକୁ ନାହାନ୍ତି ୱାର୍ଡର, ସୁହାଉଛି ଛୋଟ ପାଚେରି ଅବଶ୍ୟ ଏ ଜେଲ୍‌ରୀ ଭିତ୍ତିଭୂମିର କିଛି ସମସ୍ୟା ରହିଛି। ଜେଲ୍ ମାନୁଆଲ୍ ହିସାବରେ, ୬ଜଣ କଏଦୀଙ୍କ ପାଇଁ ଜଣେ ୱାର୍ଡର ରହିବା କଥା। କିନ୍ତୁ ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ବର୍ତ୍ତମାନ ୧,୩୬୧ କଏଦୀ ଥିବାବେଳେ ମାତ୍ର ୩୩ଜଣ ୱାର୍ଡର ଅଛନ୍ତି। ତାହା ପୁଣି ୩ଟି ସିଫ୍ଟ ପାଇଁ, ଅର୍ଥାତ୍ ପ୍ରତି ସିଫ୍ଟରେ ମାତ୍ର ୧୧ଜଣ ୱାର୍ଡର ! ହିସାବ କଲେ ୧୨୪ଜଣ କଏଦୀଙ୍କ ପାଇଁ ଜଣେ ୱାର୍ଡର। ସେମିତି ମହିଳା କଏଦୀଙ୍କୁ ଜଗିବା ପାଇଁ ମାତ୍ର ୨-୩ଜଣ ମହିଳା କର୍ମଚାରୀ ଅଛନ୍ତି। ବାରମ୍ବାର ମହିଳା ୱାର୍ଡରେ ଗଣ୍ଡଗୋଳ ହେଉଥିବାରୁ କର୍ତ୍ତୃପକ୍ଷ ଚିନ୍ତାରେ ପଡ଼ିଛନ୍ତି। ସମସ୍ୟା ଏତିକିରେ ଶେଷ ହେଉନାହିଁ, ଜେଲ୍‌ର ମୁଖ୍ୟ ଫାଟକକୁ ଛାଡ଼ିଦେଲେ ଚାରିପଟେ ଥିବା ପାଚେରି ପାଖଦେଇ କୌଣସି ସମୟରେ କିଛି ବି ଘଟିବାର ଆଶଙ୍କା ରହିଛି। ତା' ଉପରେ ଜେଲ୍ କର୍ତ୍ତୃପକ୍ଷଙ୍କର ବିଶେଷ ନିୟନ୍ତ୍ରଣ ନାହିଁ। ଗୁରୁତ୍ୱପୂର୍ଣ୍ଣ ଜେଲ୍‌ଗୁଡ଼ିକରେ ସାଧାରଣତଃ ଦୁଇଟି ଥାକିଆ ପାଚେରି ଥାଏ। ଦୁଇଟି ପାଚେରି ମଧ୍ୟରେ ଅତିକମ୍‌ରେ ୨୦-୩୦ ଫୁଟ୍ ଦୂରତା ଥାଏ। ଦୁଇ ପାଚେରି ଭିତରେ ଏକ ନାଳ ମଧ ରହିଥାଏ। ପୁଣି ଜେଲ୍ ଚାରିପଟେ ପୁଲିସ ବଳ ମୁତୟନ ଥାଆନ୍ତି। ଫଳରେ କେହି ବାହାରୁ କିଛି ଫୋପାଡ଼ିଲେ କଏଦୀ କିମ୍ବା କର୍ମଚାରୀଙ୍କ ନିକଟରେ ପହଞ୍ଚିବା କଷ୍ଟକର ଏବଂ ଏହାଛଡ଼ା କଏଦୀ ପାଚେରି ଡ଼େଇଁ ଯିବା ବି ଏକପ୍ରକାର ଅସମ୍ଭବ ହୋଇଥାଏ। କିନ୍ତୁ ଝାରପଡ଼ା ଜେଲ୍‌ରେ ସେଭଳି କିଛି ବ୍ୟବସ୍ଥା ନାହିଁ। ଦୁଇ ଥାକିଆ ପାଚେରି ଓ ଚାରିପଟେ ପୁଲିସ ବଳ ତ ଦୂରର କଥା, ମୁଖ୍ୟ ଫାଟକରେ କେତେଜଣ ପୁଲିସ କର୍ମଚାରୀ ଦେଖା ଯାଉଥିବାବେଳେ ବାକି ଚାରିପଟ ସବୁବେଳେ ଖାଁ ଖାଁ ପଡ଼ିଥାଏ।

# ଜିଲ୍ଲାସ୍ତରୀୟ ପଂଚାୟତିରାଜ ଓ ଲୋକସେବା ଦିବସ ପାଳିତ : ସମ୍ବର୍ଦ୍ଧିତ ହେଲେ ରୋତ, ବଙ୍ଗୋମୁଣ୍ଡା ଏବଂ ଗନ୍ଧର୍ଲ୍ଲା ଗ୍ରାମପଂଚାୟତ

ବଲାଙ୍ଗିର, ୦୬/୩ (ନି.ପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପଂଚାୟତିରାଜ ଓ ଲୋକସେବା ଦିବସ -୨୦୨୪ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱାଗତ ଭାଷଣରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଆଜିର ଦିନକୁ ପଂଚାୟତିରାଜ ଓ ଲୋକସେବା ଦିବସ ଭାବେ ପାଳନ କରାଯାଉଥିବା ଉପରେ ଆଲୋଚ୍ୟ ପ୍ରଦାନ ଜିଲ୍ଲା ପରିଷଦର ମୁଖ୍ୟ ଉନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁଶାନ୍ତ ସିଂ କରିଥିଲେ । ଗଣତନ୍ତ୍ରରେ ଜନସାଧାରଣଙ୍କୁ ଯେଭଳି ବିଭିନ୍ନ ସରକାରୀ ସେବା ସୁବିଧାରେ ମିଳିପାରିବ ତାହା ସବୁଠୁ ବଡ ଦାୟିତ୍ୱ । ପଂଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗ୍ରାମାଂଚଳରେ ରାସ୍ତାଘାଟ ଠାରୁ ଆରମ୍ଭ କରି ପକ୍କା ଘର, ପାନୀୟ ଜଳ ଯୋଗାଣ ଭଳି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେଉଥିବା ସେ କହିଥିଲେ । ଜୀବନ ଜୀବିକା ପାଇଁ ଗ୍ରାମାଂଚଳରେ ଅନେକ କାର୍ଯ୍ୟ କରାଯାଉଛି । ଏହି ସବୁ କାର୍ଯ୍ୟର ସଫଳତା ଗ୍ରାମରେ ଅନେକ ପରିବର୍ତନ ଆଣିପାରିଛି ଏବଂ ଗାଁର ରୂପାନ୍ତର ହୋଇଛି । ଗ୍ରାମ ବିକାଶରେ ଆଜି ମହିଳାମାନେ ସାମିଲ ହୋଇଛନ୍ତି । ଗ୍ରାମରେ ବିକାଶର ଛବି ଉଜ୍ଜ୍ୱଳ ହୋଇଛି । ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତି ଦେବକୀ ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଂଚାୟତିରାଜ ବ୍ୟବସ୍ଥା ପ୍ରକୃତ ସଂଘୀୟ ବ୍ୟବସ୍ଥା ବୋଲି ସମ୍ବୋଧନ କରିଥିଲେ। ଯୁବବର୍ଗ କାହାର ଦୟାର ପାତ୍ର ନ ହୋଇ ଆଦର୍ଶ ବନିବା ବିଜୁ ବାବୁଙ୍କଠୁ ଶିଖିବାକୁ କହିଥିଲେ। ଓଡିଶାରେ ପଂଚାୟତିରାଜ ବ୍ୟବସ୍ଥାର ପ୍ରଚଳନ ଏବଂ ଶିଳ୍ପ ଭିତିଭୂମିର ପ୍ରତିଷ୍ଠା କ୍ଷେତ୍ରରେ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଅବଦାନକୁ ଏ ଜାତି ସବୁଦିନ ମନେ ରଖିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ବିବେଚିତ ତିନୋଟି ବ୍ଲକ ଖପ୍ରାଖୋଲ, ପାଟଣାଗଡ଼, ସଇଁତଳାର ଭିଡିଓ ପ୍ରଦର୍ଶିତ ହୋଇଥିଲା । ପଂଚାୟତ ଉନ୍ନୟନ ସୁଚକାଙ୍କ ଆଧାରରେ ତୃଣମୂଳ ସ୍ତରରେ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଉତ୍କୃଷ୍ଟ ପ୍ରଦର୍ଶନ କରି ଜିଲ୍ଲାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଗ୍ରାମପଂଚାୟତ ଗୁଡିକୁ ପୁରସ୍କାର ରାଶି ଏବଂ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ



ବାଲେଶ୍ୱର, ୦୬/୩ (ନି.ପ୍ର): ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମାନ୍ୟବର ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ ଅଧ୍ୟକ୍ଷତା କରି ଆମ ଜୀବନ ପାଇଁ ଆମେ ସବୁବେଳେ ଜଣେ ମହିଳା ଅର୍ଥାତ ଆମ ମା'ଙ୍କ ପାଖରେ ଋଣୀ ବୋଲି କହିଥିଲେ । ମହିଳାମାନେ ଜନସଂଖ୍ୟାର ୫୦ ପ୍ରତିଶତ ହୋଇଥିବା ବେଳେ ସେମାନଙ୍କ ଉନ୍ନତି ବିନା ଦେଶର ପ୍ରଗତି ସମ୍ଭବ ନୁହେଁ ବୋଲି ଶ୍ରୀ ନାୟକ ଦର୍ଶାଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ଯୋଗ ଦେଇ ମହିଳାମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଭବିଷ୍ୟତ ଗଠନ ଦିଗରେ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା କହିବା ସହ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀ ସୃଷ୍ଟି କରାଯାଇ ସେମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ଏବଂ ସଚେତନତା ମାଧ୍ୟମରେ ଜନମାନସକୁ ସେବା ଯୋଗାଇ ପାରିବେ ସେ ଦିଗରେ ଦୃଷ୍ଟି ଦେବା ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଏଫ.ଏମ ଜୁନିଅର କଲେଜର ପୂର୍ବତନ ଅଧ୍ୟକ୍ଷା ଡ଼. ସାନ୍ତ୍ୱନା ହାଲଦାର ଯୋଗ ଦେଇ ମା' ଓ ଭଉଣୀମାନଙ୍କ ପାଖରେ ଯେଉଁ ପ୍ରତିଭା, ଦକ୍ଷତା ଓ ସାହସିକତା ରହିଛି ତାହାକୁ ଆଗକୁ ଆଣିବା ଏବଂ ସବୁ କ୍ଷେତ୍ରରେ ସେମାନଙ୍କୁ ପ୍ରୋତ୍ସାହନ ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ । ଆଜି ମହିଳାମାନେ ମହାକାଶକୁ ଯାତ୍ରା କରିବା ପାଇଁ ସକ୍ଷମ ହୋଇଥିବା ବେଳେ ମାତୃଶକ୍ତିକୁ ସମସ୍ତ ଶକ୍ତିର କେନ୍ଦ୍ରସ୍ଥଳୀ ଭାବେ ସେ ବର୍ଣ୍ଣନା କରିଥିଲେ । ମହିଳାମାନଙ୍କର ଯେଉଁ ତ୍ୟାଗ ଓ ସେବା ମନୋଭାବ ରହିଛି ତାହାର ସେ ପ୍ରଶଂସା କରିବା ସହିତ ପରିବାରରେ ଶାନ୍ତି ପ୍ରତିଷ୍ଠା ପାଇଁ ସେମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ମଞ୍ଜରୀ ଦାସ ଯୋଗ ଦେଇ ମହିଳାମାନେ ପୁରୁଷମାନଙ୍କ ଠାରୁ ଅଧିକ ଦାୟିତ୍ୱବାନ ଓ କର୍ତ୍ତବ୍ୟପରାୟଣ ହୋଇଥିବା ବେଳେ ମହିଳାମାନେ ନିଜ ଅଧିକାର ପାଇଁ ସ୍ୱତଃ ପ୍ରବୃତ୍ତ ଭାବେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ଯେଉଁ ଅବଦାନ ରହିଛି, ଯେଉଁ ସବୁ କ୍ଷେତ୍ରରେ ମହିଳାମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛନ୍ତି ସେ ସବୁ ଉପରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଉତ୍ସବ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅଙ୍ଗନବାଡି କର୍ମୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଶିଖା ରାଣୀ ପୋଦ୍ଦାର ପ୍ରାରମ୍ଭିକ ଅଭିଭାଷଣ, କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆପଣମାନଙ୍କ ସୁଖଦୁଃଖରେ....

ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଥିବାବେଳେ ପରିବାରର ଅନ୍ୟ ସଦସ୍ୟ ମାନଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା କରାଯାଇଛି। ଏହି ଯୋଜନାରେ ମାସକୁ ୧ ଲକ୍ଷ ୩୦ ହଜାର ହିତାଧିକାରୀ ୮୧୬ଟି ପଞ୍ଜିକୃତ ବେସରକାରୀ ହସ୍‌ପିଟାଲରେ ଚିକିତ୍ସା ସୁବିଧା ପାଉଛନ୍ତି। ଏଥିପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ ୨୭୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ଦ୍ୱାରା ଆହୁରି ଅଧିକ ପରିବାର ଏହି ଯୋଜନାରେ ସାମିଲ ହୋଇପାରିବେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ରେଙ୍ଗାଲୀ ବ୍ଲକରେରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇ କହିଲେ ଯେ ୫ଟିରେ କାର୍ଯ୍ୟକାରୀ ହେଉଥିବା ବିଏସ୍‌କେୱାଇ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ନିଷ୍ପତ୍ତି। ଆଜି ଗ୍ରାମାଞ୍ଚଳର ସବୁ ବଞ୍ଚିତ ହିତାଧିକାରୀ ଏଥିରେ ସାମିଲ ହେଲେ। ୫ଟି ହେଉଛି ମୁଖ୍ୟମନ୍ତ୍ରୀଙ୍କ ଓଡିଶାର ଉନ୍ନତି କଳ୍ପନା। ଲୋକଙ୍କୁ ସେବା ଦେବାର କଳ୍ପନା। ଆଜି ୫ଟି ମନ୍ତ୍ର ଉପରେ ରାଜ୍ୟବାସୀଙ୍କ ଆସ୍ଥା ବଢିଛି। ରାଜ୍ୟବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ସବୁଠାରୁ ଅଧିକ ଗୁରୁତ୍ୱ ଦିଅନ୍ତି ବୋଲି ସେ କହିଥିଲେ। ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଥିଲେ ଯେ ରାଜ୍ୟର ପ୍ରତ୍ୟେକ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇଦେବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ, ଏହି ପରିପ୍ରେକ୍ଷୀରେ ପରବର୍ତ୍ତୀ ପର୍ଯ୍ୟାୟରେ ସହରାଞ୍ଚଳର ପ୍ରାୟ ସମସ୍ତଙ୍କୁ ବିଏସ୍‌କେୱାଇ ନବୀନ କାର୍ଡରେ ସାମିଲ କରାଯିବ ବୋଲି ସେ କହିଥିଲେ। ଏହି ଯୋଜନାକୁ ରେକର୍ଡ ସମୟ ମଧ୍ୟରେ କାର୍ଯ୍ୟକାରୀ କରିଥିବାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ସୂଚନା ପ୍ରଯୁକ୍ତି ବିଭାଗକୁ ସେ ଧନ୍ୟବାଦ ଜଣାଇଥିଲେ।

### ୩୮ ଡ଼ିଗ୍ରୀ ଛୁଇଁଲା...

ତାପମାତ୍ରା ୩୫.୦ ଡିଗ୍ରୀ ରେକର୍ଡ଼ କରାଯାଇଛି। ସେହିପରି ହୀରାକୁଦରେ ୩୪.୮ ଡିଗ୍ରୀ, ତାଳଚେରରେ ୩୬.୦ ଡିଗ୍ରୀ, ଭବାନୀପାଟଣାରେ ୩୬.୨ ଡିଗ୍ରୀ, ବଲାଙ୍ଗିରରେ ୩୬.୯ ଡିଗ୍ରୀ, କୋରାପୁଟରେ ୩୩.୨ ଡିଗ୍ରୀ, ଫୁଲବାଣୀରେ ୩୪.୮ ଡିଗ୍ରୀ, ଟିଟିଲାଗଡ଼ରେ ୩୬.୫ ଡିଗ୍ରୀ, ମାଲକାନଗିରିରେ ୩୬.୭ ଡିଗ୍ରୀ, ସୋନପୁରରେ ୩୬.୨ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୧.୫ ଡିଗ୍ରୀ, ନୟାଗଡ଼ରେ ୩୬.୦ ଡିଗ୍ରୀ, ବୌଦ୍ଧରେ ୩୬.୦ ଡିଗ୍ରୀ, ଛତ୍ରପୁରରେ ୩୨.୨ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୮.୦ ଡିଗ୍ରୀ, ରାୟଗଡ଼ାରେ ୩୬.୨ ଡିଗ୍ରୀ, ଭଦ୍ରକରେ ୩୨.୨ ଡିଗ୍ରୀ, ଯାଜପୁରରେ ୩୨.୦ ଡିଗ୍ରୀ, ଢେଙ୍କାନାଳରେ ୩୫.୫ ଡିଗ୍ରୀ, ବରଗଡ଼ରେ ୩୪.୦ ଡିଗ୍ରୀ, ନୂଆପଡ଼ାରେ ୩୪.୦ ଡିଗ୍ରୀ, ନବରଙ୍ଗପୁରରେ ୩୫.୦ ଡିଗ୍ରୀ, ଖୋର୍ଦ୍ଧାରେ ୩୧.୫ ଡିଗ୍ରୀ, ଜଗତସିଂହପୁରରେ ୩୫.୦ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୩୩.୬ ଡିଗ୍ରୀ ଓ ରାଉରକେଲାର ତାପମାତ୍ରା ୩୪.୪ ଡିଗ୍ରୀ ରେକର୍ଡ଼ କରାଯାଛି।

### ଆଉ ଚଳିବନି ହାତ ...

ଯେଉଁଥିରେ ଯାଇଛି ୮୫୨ ଜଣଙ୍କ ଜୀବନ। ଏଭଳି ସଡ଼କ ଦୁର୍ଘଟଣା କମାଇବାକୁ ରାଜ୍ୟର ୨୩ଟି ସ୍ଥାନରେ ଟ୍ରକ ଟର୍ମିନାଲ୍ ସ୍ଥାପନ ପାଇଁ ଆଜି ଭିତ୍ତିପ୍ରସ୍ତର ପଡ଼ିଛି। ୧୦୦ରୁ ୩୦୦ ଭଳି ଟ୍ରକ୍ ପାର୍କିଂ ସୁବିଧା ରହିବ। ଏହି ସବୁ ଟ୍ରକ୍ ଟର୍ମିନାଲରେ ଡ୍ରାଇଭର ଓ ଟ୍ରାନ୍ସପୋର୍ଟରଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା ରହିବ। ଆଗାମୀ ୧୨ରୁ ୧୮ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ଏସବୁ ଟ୍ରକ୍ ଟର୍ମିନାଲ। ଏସବୁ ଭିତରେ ଦୁର୍ଘଟଣା ସମୟରେ ଫାଷ୍ଟ ରେସପଣ୍ଡର ଭାବେ କାର୍ଯ୍ୟ କରିବାକୁ ରାଜ୍ୟର ୬୩ ହଜାର ଏନ୍‌ସିସି କ୍ୟାଡେଟଙ୍କୁ ଜୁନିଅର ରକ୍ଷକ ଭାବେ ପ୍ରଶିକ୍ଷଣ ଦେବାକୁ ଆଜି ବୁଝାମଣାପତ୍ର ସ୍ୱାକ୍ଷର କରିଛି ପରିବହନ ବିଭାଗ।

# ବିଦ୍ୟାର୍ଥୀଙ୍କୁ ବିଦ୍ୟା ହିଁ ବିନୟୀ ହେବାକୁ ପ୍ରେରଣା ଦିଏ : ଦେଉଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା




ଲଙ୍ଗଳେଶ୍ୱର , ୦୬/୩ (ନି.ପ୍ର): ବିଦ୍ୟା ହିଁ ମହା ଧନ , ଯାହାର ତୁଳନା କେବେ କରାଯାଇ ନ ପାରେ। ବିଦ୍ୟାର୍ଥୀଙ୍କୁ ବିଦ୍ୟା ହିଁ ବିନୟୀ ହେବାକୁ ପ୍ରେରଣା ଦିଏ ବୋଲି ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଦେଉଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭାରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ରାଜୀବ ଲୋଚନ ପାତ୍ର ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ସହକାରୀ ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ମୁଖ୍ୟ ଅତିଥି, ବରିଷ୍ଠ ଶିକ୍ଷାବିତ ତଥା ଶୁସାହିତ୍ୟିକ ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ଦେଉଳା ସରପଞ୍ଚ ସରୋଜ କୁମାର ପିଳା, ସି ଆର ସି ସି ବେଣୁଧର ପାତ୍ର, ବିଧାୟକ ପ୍ରତିନିଧି କମଳ ଲୋଚନ ବେହେରା, ଶିକ୍ଷକ ଅନନ୍ତ କୁମାର ରାଉଳ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଅଜୟ କୁମାର ବର୍ ବାର୍ଷିକ ବିବରଣୀ, କ୍ରୀଡା ଶିକ୍ଷକ ରଞ୍ଜନ କୁମାର ସାହୁ ମଞ୍ଚ ଆହ୍ୱାନ ଓ ସ୍ୱାଗତ ଭାଷଣ,ଶିକ୍ଷୟତ୍ରୀ ଉର୍ମିଳା ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ପୁରସ୍କାର ବିତରଣ ସଭାରେ ଅତିଥିମାନେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ।ଏହାକୁ ଶିକ୍ଷୟତ୍ରୀ ସଂଯୁକ୍ତା ପାଣିଗ୍ରାହୀ, ସୀତା ସୋରେନ, ପାର୍ବତୀ ପ୍ରଧାନ, ଆୟା ସୁରଭି ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲା ଶିଳ୍ପ କେନ୍ଦ୍ର ଭଦ୍ରକ ଦ୍ୱାରା ଶିଳ୍ପୋଦ୍ୟୋଗୀ ଦିବସ ପାଳିତ

ଭଦ୍ରକ , ୦୬/୩ (ନି.ପ୍ର): ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଭଦ୍ରକ ଆନୁକୂଲ୍ୟରେ ଭଦ୍ରକ ବାଇପାସ୍‌ରୋଡ଼ ନିକଟସ୍ଥ ସଙ୍ଗମ କନ୍‌ଭେନ୍‌ସନ୍ ମଣ୍ଡପରେ ଶିଳ୍ପୋଦ୍ୟୋଗୀ ଦିବସ ସମାରୋହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଏନ୍ ନାଗେଶ୍ୱର ରାଓ, ସିଡ଼ିଭଓ଼ ଡ଼ାକ୍ତର ହୃଷୀକେଶ ବେହେରା, ଜିଲ୍ଲା କୃଷି ଅଧିକାରୀ ଶ୍ରୀଧର ଦାସ, ଶିଳ୍ପସଂଘ ଓସ୍‌ମେର ସମ୍ପାଦକ ସୁଶାନ୍ତ କୁମାର ନାୟକ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା ମଞ୍ଚାସୀନ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଉଦ୍ୟୋଗବିଭାଗ ନିମିତ୍ତ ପ୍ରଣୀତ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ପି.ଏମ୍.ଏଫ୍.ଏମ୍.ଇ ଓ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୨୨ ସମ୍ପର୍କରେ ଶିଳ୍ପ ବିକାଶ ଅଧିକାରୀ ଶଶୀଶେଖର ବେହେରା , ପି.ଏମ୍.ଇ.ଜି.ପି. ବାବଦରେ ସହକାରୀ ଶିଳ୍ପ ଅଧିକାରୀ ବିଶ୍ୱଜିତ୍ ସାମଲ, ଓଡ଼ିଶା ପ୍ରୋକ୍ୟୁଓରମେଣ୍ଟ ପ୍ରେଟେକ୍‌ସନ୍ ପଲିସି ୨୦୨୩, ସି.ଏମ.ସ୍ରିମ୍ (ସିଏମ୍-ସିଇମ୍), ପି.ଏମ୍.ବିଶ୍ୱକର୍ମା ଯୋଜନା ସମ୍ପର୍କରେ ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା ଓ ଶିଳ୍ପନୀତି ୨୦୨୨, ଓଡ଼ିଶା ଅଣୁକ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିକାଶ ନୀତି ୨୦୨୨ ସମ୍ପର୍କରେ ଶିଳ୍ପ ପର୍ଯ୍ୟବେକ୍ଷକ ରଶ୍ମିରଞ୍ଜନ ସାହୁ ଆଲୋଚନା କରିଥିଲେ । ପରିଶେଷରେ ଉଦ୍ୟୋଗୀମାନେ ନିଜର ଶିଳ୍ପ ପ୍ରତିଷ୍ଠା ଅଭିଜ୍ଞତା ଓ ଅନୁଭୂତି ସମ୍ପର୍କରେ ଆଲୋକପାତ କରିଥିଲେ । ଶତାଧିକ ଉଦ୍ୟୋଗୀଙ୍କ ଉପସ୍ଥିତିରେ ଉକ୍ତ ସମାରୋହକୁ ଶିଳ୍ପ ବିକାଶ ଅଧିକାରୀ ଶ୍ରୀ ବେହେରା ପରିଚାଳନା କରିଥିଲେ ।

# ବିଏସକେୱାଇ ନବୀନ କାର୍ଡରେ ଖଇରାରୁ ୪ହଜାର ହିତାଧିକାରୀ




ଖଇରା, ୦୬/୩ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକରେ ବୁଧବାର ଅପରାହ୍ନରେ ବିଏସକେୱାଇ ନବୀନ କାର୍ଡର ଶୁଭାରମ୍ଭ ହୋଇଛି । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଖଇରା ବ୍ଲକ ସଭାଗୃହରେ ଆୟୋଜିତ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସାମଲ ପୌରହିତ୍ୟ କରିଥିଲେ । ବିଧାୟକ ପାଣିଗ୍ରାହୀ ବକ୍ତବ୍ୟରେ ଏହି କାର୍ଡ ପୂର୍ବରୁ ଓଡିଶାବାସୀଙ୍କ ପାଇଁ ସଞ୍ଜିବନୀ ସାବ୍ୟସ୍ତ ହୋଇ ସାରିଛି । ଏବେ ପୁଣିଥରେ ବାଦ ପଡିଥିବା ଲୋକଙ୍କୁ ଏହାର ଫାଇଦା ମିଳିବ ବୋଲି କହିଥିଲେ । ବିଡିଓ ଅନନ୍ତ କୁମାର ହାଁସଦା,ସହକାରୀ ଯନ୍ତ୍ରୀ ଉତ୍ତମ କୁମାର ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ମୁଖ୍ୟ କିରାଣୀ ବ୍ରହ୍ମାନନ୍ଦ ଦାସ,ସିପି ଶଶିକାନ୍ତ ଦାସ,ନିର୍ବାହୀ ଅଧିକାରୀ ଅଶୋକ କୁମାର ପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ଶୁକ୍ରବାର ପାଖପାଖି ୧୦୦ଜଣଙ୍କୁ ଏହି କାର୍ଡ ପ୍ରଦାନ କରାଯାଇଛି । ଖଇରା ବ୍ଲକର ୩୭ପଞ୍ଚାୟତରେ ମୋଟ ୪ହଜାର ୧୧ଜଣଙ୍କୁ ଏହି କାର୍ଡ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ଅଛି ।


## ଦକ୍ଷିଣପୂର୍ବ ରେଳପଥ-ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର / ୨୦୨୪/୦୭ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଏବଂ ବିଭାଗୀୟ ରେଳ ପରିଚାଳକ (ଇଂ.)। କାର୍ଯ୍ୟ ଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫:୩୦ ଘଣ୍ଟାରେ ଖୋଲାଯିବ । ଏସଏଲ ନଂ., ଟେଣ୍ଡର ନମ୍ବର ଏବଂ କାର୍ଯ୍ୟର ବର୍ଣ୍ଣନା ନିମ୍ନଲିଖିତ: 1. E-KGP-EAST- 07-2024 । କାର୍ଯ୍ୟର ବର୍ଣ୍ଣନା: ସାନ୍ତ୍ରାଗାଚି, ଶାଲିମର ଏବଂ ମେଚେଡା କାର୍ଯ୍ୟର କାର୍ଯ୍ୟକାରିତା: ଶ୍ରୀ DEN / ପୂର୍ବ / କେଜିପି ଅଧୀନରେ ଥିବା ଆରପିଏଫ୍ ବ୍ୟାରେକର ଉନ୍ନୟନ / ପରିବର୍ତ୍ତନ / ଉନ୍ନତି । ଟେଣ୍ଡର ମୂଲ୍ୟ: ୨୩,୦୯,୭୫୪.୧୦ ରୋଜଗାରର ଅର୍ଥ: ୪୬,୨୦୦ /-। 2. E-KGP-EAST-08-2024 । କାର୍ଯ୍ୟର ବର୍ଣ୍ଣନା: ଯୋଗାଣ, ସ୍ଥାପନ, ପରୀକ୍ଷା ଏବଂ ୦୭ ନଂ ଲିଫ୍ଟ (ମୋରିଗ୍ରାମ- MRGM-02 ନଂ, ନାଲପୁର- NALR-01 ନଂ, ବାଉରିଆ-ବିବିଏ -୦୧ ନଂ। KGY-01 no। ଏବଂ Deulti-DTE-02 nos) Sr. DEN / EAST / KGP ଅଧୀନରେ। ଟେଣ୍ଡର ମୂଲ୍ୟ: ୩,୦୫,୯୪,୩୭୦.୦୬ ରୋଜଗାରର ଅର୍ଥ: ୩,୦୩,୦୦୦ /-। 3. E-KGP-EAST-09-2024 । କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର ଡିଭିଜନର କାର୍ଯ୍ୟର କାର୍ଯ୍ୟକାରିତା - ଯୋଗାଣ, ସ୍ଥାପନ, କମିଶନ ଏବଂ ଟ୍ରାକ ଆଧାରିତ ରେଳ ଗେଜ ଫେସ୍ ଲବ୍ରିକେଟର (1 KM ପାଇଁ ହାଇଡ୍ରୋଲିକ୍ ପ୍ରକାର)- ୨୨୧ ନଂ। ଟେଣ୍ଡର ମୂଲ୍ୟ: ୧୭,୫୨, ୦୫,୭୯୪.୪୦ ରୋଜଗାରର ଅର୍ଥ: ୧୦,୨୬,୦୦୦/ । 4. E- KGP-EAST-10-2024 । କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର ଡିଭିଜନର କାର୍ଯ୍ୟର କାର୍ଯ୍ୟକାରିତା - ଯୋଗାଣ, ସ୍ଥାପନ, କମିଶନ ଏବଂ ଟ୍ରାକ ଆଧାରିତ ରେଳ ଗେଜ ଫେସ୍ ଲବ୍ରିକେଟର (2 KM ପାଇଁ ହାଇଡ୍ରୋଲିକ୍ ପ୍ରକାର) - Sr. DEN / Co / KGP ଅଧୀନରେ ୪୦ ନଂ। ଟେଣ୍ଡର ମୂଲ୍ୟ: ୩,୧୭,୧୧,୪୫୬ / । ସର୍ବଶ୍ରେଷ୍ଠ ଟଙ୍କା: ୩,୦୮,୬୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ପ୍ରତ୍ୟେକ 0 । ଖୋଲିବାର ତାରିଖ: SI ପାଇଁ ୨୧.୦୩.୨୦୨୪ । SI ପାଇଁ ନମ୍ବର ୧ ଏବଂ ୨ ଏବଂ ୨୮.୦୩.୨୦୨୪ । ନମ୍ବର ୩ ଏବଂ ୪. କାର୍ଯ୍ୟର ସମାପ୍ତି ଅବଧି: SI ପାଇଁ ୬ ମାସ । SI ପାଇଁ ନମ୍ବର ୧, ୧୨ ମାସ SI ପାଇଁ ନମ୍ବର ୨ ଏବଂ ୬୬ ମାସ । ନଂ ୩ ଏବଂ ୪ ପ୍ରତ୍ୟେକ । ବିଡିଂ ଆରମ୍ଭ ତାରିଖ: (ସ) ୦୭.୦୩.୨୦୨୪ ରୁ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ । ୨୧.୦୩.୨୦୨୪ରେ SI ନମ୍ବର ୧ ଏବଂ ୨ ଏବଂ (ii) ୧୪.୦୩.୨୦୨୪ରୁ ଏବଂ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ । SI ନମ୍ବର ୩ ଏବଂ ୪ ପାଇଁ ୨୮.୦୩.୨୦୨୪ ରେ ଆଗ୍ରହୀ ଟେଣ୍ଡରମାନେ ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟତା ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ। କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । N.B: ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାକର୍ମୀମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ ।

(PR-1206)


# ପୂର୍ଣ୍ଣଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିରରେ ବିଜୁ ବାବୁଙ୍କ ୧୦୮ତମ ଜୟନ୍ତୀ ପାଳିତ



ବାଲେଶ୍ୱର, ୦୬/୩ (ନି.ପ୍ର): ପୂର୍ଣ୍ଣଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିର ରେ ବିଜୁ ବାବୁ ଙ୍କ ୧୦୮ତମ ଜୟନ୍ତୀ ପାଳିତ ଗୋପାଳଗାଁ । ପୂର୍ଣ୍ଣ ଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିର ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ର ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଓଡିଶା ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡିଶା ର ଭୂମିପୁତ୍ର ବିଜୁ ପଟ୍ଟନାୟକ ଙ୍କ ଓଡିଶା ପ୍ରତି ଅବଦାନ କୁ ଓଡିଶା ବାସୀ ସଦା ସର୍ବଦା ମନେ ରଖିବେ ବୋଲି ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ର ମତ ପ୍ରକାଶ କରିଥିଲେ । ଅନୁଷ୍ଠାନ ର ପ୍ରଧାନ ଆଚାର୍ଯ୍ୟ ରାଜ କମଳ ଦାସ ଙ୍କ ସଭାପତି ତ୍ୱ ରେ ସମ୍ମାନିତ ଅତିଥି ଭାବେ ସମାଜ ସେବୀ ଶରତ ଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇ ବିଜୁ ବାବୁ ଙ୍କ ସ୍ମୃତି ଚାରଣ କରିଥିଲେ । ଉପ ପ୍ରଧାନ ଆଚାର୍ଯ୍ୟକ୍ଷ ରୀତାରାଣୀ ଦଳ ବେହେରା ସ୍ୱାଗତ ଅଭିଭାଷଣ ଦେଇ ଥିବା ବେଳେ ଗୁରୁମା ବବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପିଲାମାନଙ୍କୁ ବିଭିନ୍ନ ବିଭାଗ ରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।

# ବିଜୁ ଜୟନ୍ତୀରେ ପୌରପାଳିକାର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାରିପଦା, ୦୬/୩ (ନି.ପ୍ର): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଅବସରରେ ବାରିପଦା ପୌରପାଳିକା ପକ୍ଷରୁ ମଙ୍ଗଳବାର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦର ବାରିପଦା ସହର ଗଢି ତୋଳିବା ଲକ୍ଷ୍ୟ ନେଇ ନୂତନ ରୂପ ପାଇଥିବା ବିଜୁ ପଟ୍ଟନାୟକ ପାର୍କ ଉଦଘାଟିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଜରିଆରେ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିନିଯୋଗରେ ରୂପାନ୍ତରିତ ବିଜୁ ପଟ୍ଟନାୟକ ପାର୍କର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାରିପଦା ପୋ ?ରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଅନୁଷ୍ଠାନିକ ଭାବେ ଉଦଘାଟିତ କରିଛନ୍ତି। ଉକ୍ତ ପାର୍କର ରୂପାନ୍ତରିତ କରାଯାଇଥିବା ବେଳେ ଜନସାଧାରଣଙ୍କ ଆକର୍ଷଣ ପାଇଁ ଲେଜର ଶୋ ବ୍ୟବସ୍ଥା ହୋଇଛି। ଏଥି ସମେତ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଶିଶୁ ଖେଳ ସ୍ଥାନ ମଧ୍ୟ ତିଆରି ହୋଇଛି। ଏଥି ସହିତ ପୌରପାଳିକା ପକ୍ଷରୁ ନୂତନ ଭାବେ ୧୦ଗୋଟି ଆବର୍ଜନା ସଂଗ୍ରହ ଗାଡି(ଏଲସିଭି) ଲୋକାର୍ପଣ ହୋଇଛି। ଏହାକୁ ମଧ୍ୟ ଅତିଥି ମାନେ ସବୁଜ ପତାକା ଦେଖାଇ ଲୋକାର୍ପିତ କରିଥିଲେ। ସହରକୁ ସଫା ସୁତୁରା ରଖିବା ପାଇଁ ପ୍ରତିଟି ଘର ଦୁଆରୁ ଅଳିଆ ଆବର୍ଜନା ସଂଗ୍ରହ କାର୍ଯ୍ୟ ଜାରି ରହିଛି। ପୂର୍ବରୁ ୨୦ଗୋଟି ଏଲସିଭି ଗାଡି, ୭ଗୋଟି ବିଓଭି ଓ ୪୦ଗୋଟି ଟ୍ରଲି ଦ୍ୱାରା ପ୍ରତିଟି ଘରୁ ଆବର୍ଜନା ସଂଗ୍ରହ ହେଉଥିବା ଥିବା ବେଳେ ଏବେ ନୂତନ ଭାବେ ଆଉ ୧୦ଗୋଟି ଆବର୍ଜନା ସଂଗ୍ରହ ଗାଡି ଲୋକାର୍ପିତ ହୋଇଛି। ସଫେଇ ଗାଡ଼ିକୁ ନିୟୋଜିତ କରି ବାରିପଦା ସହରକୁ ଅଳିଆ ଆବର୍ଜନା ମୁକ୍ତ କରି ସ୍ୱଚ୍ଛ ବାରିପଦା ଗଠନ କରିବା ପାଇଁ କାର୍ଯ୍ୟଧାରା ଜାରି ରହିଛି ବୋଲି ନଗରପାଳ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡର କାଉନସିଲର ମାନେ ଉପସ୍ଥିତ ରହିଥିଲେ।


**OFFICE OF THE PRINCIPAL, U.N. COLLEGE, SORO, BALASORE, ODISHA**

**TENDER CALL NOTICE**

No: 01/24 Date: 06.03.2024

Sealed tenders in the prescribed format are invited from registered firms/ Dealers/ Suppliers having valid GST registration, PAN & IT clearance for supply of laboratory equipments to the college so as to reach the undersigned through Registered Post/ Speed Post/ Courier latest by 2:30P.M. on or before 13.03.2024. The tender paper available in the college office. The undersigned reserves the right to accept or reject any or all bids or parts without assigning any reason what-so-ever.

**Sd/-Principal**

**OFFICE OF THE PRINCIPAL, SRIRAM CHANDRA BHANJ DEGREE COLLEGE, RAGDHA, MAYURBHANJ, ODISHA**

**TENDER CALL NOTICE**

No: 01/24 Date: 06.03.2024

Sealed tenders in the prescribed format are invited from registered firms/ Dealers/ Suppliers having valid GST registration, PAN & IT clearance for supply of laboratory equipments to the college so as to reach the undersigned through Registered Post/ Speed Post/ Courier latest by 2:30P.M. on or before 12.03.2024. The tender paper available in the college office. The undersigned reserves the right to accept or reject any or all bids or parts without assigning any reason what-so-ever.

**Sd/-Principal**

**AFFIDAVIT**

An affidavit before the executive Magistrate Balasore, I, NISHANTA PATTANAYAK, S/o Late Rama Chandra Pattanayak, At-Bairamnagar (Near K.M. Hospital) Po- Motiganj, P.S-Town, Dist- Balasore-756003. Declare that actually my son name is Adit N. Pattanayak which has been mentioned in Aadhaar Card No.-755340743386. But Mistakely his name is mentioned in LIC Policy No. 537532504 as Devranjan Pattanayak which is his nickname. So both Adit N. Pattanayak and Devranjan Pattanayak is one and same person who is my son. Henceforth he will be known as Adit N. Pattanayak in all purpose.

**Nishanta Pattanayak**

# ମନ୍ଦିରର ବାର୍ଷିକୋତ୍ସବରେ ଇମାମୀର ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର , ୦୬/୩ (ନି.ପ୍ର): ରେମୁଣା ବ୍ଲକର ବାସୁଖୁଣ୍ଟା ଗ୍ରାମରେ ଆଜି କାଳୀକୁମାରୀ ମା ମଂଗଳା ମନ୍ଦିରର ବାର୍ଷିକୋତ୍ସବ ଉପଲକ୍ଷେ ମନ୍ଦିର ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଇମାମୀ ପେପର ମିଲସ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକ ଡା. ପ୍ରଦୀପ କୁମାର ଜେନା ରୋଗୀମାନଂକର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ବିନା ମୂଲ୍ୟରେ ଔଷଧ ବିତରଣ କରିଥିଲେ। ଏଥିରେ ବାସୁଖୁଣ୍ଟା, ଆର୍ମଳା, ବଡୁଆ,କୁଚିଳାପଦା, ନରହରିପୁର, ବିୟୁରିଆ, ଦିଖାପଦା, ବେଲେରୀ ପ୍ରଭୃତି ଗ୍ରାମରୁ ଆସିଥିବା ଶତାଧିକ ଗ୍ରାମବାସୀଂକର ଚିକିତ୍ସା କରାଯାଇଛି। ଇମାମୀର ବରିଷ୍ଠ ସଭାପତି ଆଶୀଷ ଏ ଗୁପ୍ତା, ମାନବ ସମ୍ବଳ ବିଭାଗର ମହା ପ୍ରବଂଧକ ୟୁସୁଫ ଅଲ୍ଲୀ ସୋଲାଂକିଂକ ଅନୁମୋଦନ କ୍ରମେ ଉପ ମହା ପ୍ରବଂଧକ ମନୋଜ ପାଢୀଂକ ତତ୍ତ୍ୱାବଧାନରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ମନ୍ଦିର କମିଟି ଓ ଗ୍ରାମବାସୀ ମାନେ ଏହି ମହତ କାର୍ଯ୍ୟ ପାଇଁ ଇମାମୀ କର୍ତ୍ତୃପକ୍ଷଂକୁ ସାଧୁବାଦ ଜଣାଇଛନ୍ତି। ଶିବିର ଆୟୋଜନ ଓ ପରିଚାଳନାରେ ସସ୍ମିତା ପ୍ରଧାନ,କମଳାକାନ୍ତ ପଣ୍ଡା,ମଧୁସୂଦନ ମହାପାତ୍ର,ମନୋରଂଜନ ମହାପାତ୍ର,ବସନ୍ତ ବେହେରା,ଗୋପିନାଥ ମହାପାତ୍ର,ଅନାଦି ପଣ୍ଡା, ରବି ରାଉତଂକ ସମେତ ମନ୍ଦିର କମିଟିର ସମସ୍ତ ସଭ୍ୟ ଓ ଗ୍ରାମବାସୀ ମାନେ ସହଯୋଗ କରିଥିଲେ।




# କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟରେ ଛାତ୍ରବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ

ବାସୁଦେବପୁର, ୦୬/୩ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ବଂଶୀ ପାଟଣା ଠାରେ କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ନୂତନ ଯୋଜନାରେ ନୂଆ ଓ ଛାତ୍ର ବୃତ୍ତି ପ୍ରଦାନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପାଢ଼ୀ ସଭାପତିତ୍ୱ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ଅର୍ଥ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ସହିତ ପ୍ରଦାନ କରାଯାଇଥିଲା । ଯୁକ୍ତ ତିନି ପଢୁଥିବା ପିଲା ମାନଙ୍କୁ ପ୍ରମାଣ ପତ୍ର ସହିତ ପ୍ରଦାନ କରାଯାଇଥିଲା । ୧୨୮ ଜଣ ଛାତ୍ର ଛାତ୍ରୀ ମାନଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇଥିଲା । ଅନୁସୂଚିତ ଜାତି ଓ ଜନଜାତି ଙ୍କୁ ୧୧ ହଜାର, ଛାତ୍ର ଙ୍କୁ ୧୦ ହଜାର, ସାଧାରଣ ବର୍ଗ ଛାତ୍ରୀ ମାନଙ୍କୁ ୧୦ ହଜାର ଓ ଛାତ୍ର ଙ୍କୁ ୯ ହଜାର ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଏହି ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧରେ ହସ ଖୁସି ଓ ଆନନ୍ଦ ଖେଳି ଯାଇଥିଲା କ୍ଷ ସମସ୍ତ ଛାତ୍ର ଛାତ୍ରୀ ଓଡ଼ିଶାର ମାନ୍ୟବର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଧନ୍ୟବାଦ ଦେଇଥିଲେ।

# ଖୋର୍ଦ୍ଧା ହଳଦିଆ ବସନ୍ତ ଉପ୍ରା ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ଉତ୍ସବ

ଖୋର୍ଦ୍ଧା, ୦୬/୩ (ନି.ପ୍ର): ଖୋର୍ଦ୍ଧା ବ୍ଲକ ହଳଦିଆ ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବସନ୍ତ ର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଓ ପ୍ରତିଷ୍ଠାନ ର ଅଧକ୍ଷ ଡଃ ତାପସ କୁମାର ନାୟକ , ମୁଖ୍ୟ ବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ଶତପଥୀ, ବିଦ୍ୟାଳୟ ପରିଚଳନା କମିଟି ର ସଭାପତି ସନ୍ତୋଷ ଜାଲି, ପ୍ରଧାନ ଶିକ୍ଷକ ନବ କିଶୋର ମହାପାତ୍ର ଯୋଗ ଦେଇଥିବାବେଳେ ସଭାକୁ ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀମତୀ ବିନତୀ ମିଶ୍ର ସଭାପତି ରୂପେ ପରିଚାଳନା କରିଥିଲେ । ଏହି ପୁରାତନ ବିଦ୍ୟାଳୟ ରେ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ଗୁଣାତ୍ମକ ଶିକ୍ଷା ପାଇଁ ବହୁ ଛାତ୍ର ଛାତ୍ରୀ ଆଜି ବହୁ ବଡ଼ ବଡ଼ ପଦବି ରେ ରହି ବିଦ୍ୟାଳୟ ର ନାମ ଅକ୍ଷୁର୍ଣ୍ଣ ରଖିପାରିଥିବା ବେଳେ ଅଭିଭାବକ ଓ ଶିକ୍ଷକ ଙ୍କ ଉତ୍ତମ ବୁଝା ବଣା ବିଦ୍ୟାଳୟ ବିଭିନ୍ନ କ୍ଷେତ୍ରରେ ଆଗେଇ ଚାଲିଥିବାରୁ ମୁଖ୍ୟ ଅତିଥି ସମସ୍ତ ଙ୍କୁ ଭୁରି ଭୁରି ପ୍ରସଂସା କରିଥିଲେ।ଏହି ଅବସରରେ କୃତୀ ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲା ବେଳେ ପ୍ରଧାନ ଶିକ୍ଷକ ଧନ୍ୟବାଦ୍ ଦେଇଥିଲେ । ପରିଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରିଚାଳନା କମିଟିର ସଭ୍ୟ ସଭ୍ୟା ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

# ଇଉ ଜି ସିଟିଇ ରେ ନୂଆ ଓ ଛାତ୍ରବୃତ୍ତି ସାଟିଫିକେଟ ପ୍ରଦାନ ଉତ୍ସବ

ବାରିପଦା, ୦୬/୩ (ନି.ପ୍ର): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ନୂଆ ଓ ଛାତ୍ରବୃତ୍ତି ସାଟିଫିକେଟ ପ୍ରଦାନ ଉତ୍ସବ ପାଳିତ ହୋଇଯାଇଛି । ଅଧକ୍ଷ ପ୍ରଫେସର ସଞ୍ଜୟ କୁମାର ଦେ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବେ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ,ବିଶିଷ୍ଟ ସାହିତ୍ୟିକ ଅମିତାଭ ମିଶ୍ର, କାଉନସିଲର ଶିବଶଙ୍କର ପତ୍ର ଯୋଗ ଦେଇ, ଛାତ୍ର ଛାତ୍ରୀ ଙ୍କ ଜୀବନ ଗଠନରେ ଛାତ୍ରବୃତ୍ତି ର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି



ମତବ୍ୟକ୍ତ କରିବା ସହ ସାଟିଫିକେଟ ଗୁଡିକ ବଣ୍ଟନ କରିଥିଲେ । ସହକାରୀ ପ୍ରଫେସର ଉମେଶ ଚନ୍ଦ୍ର ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ସମସ୍ତ ସହକାରୀ ପ୍ରଫେସର ଓ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ମହାବିଦ୍ୟାଳୟ ର ୮୯ ଜଣ ଛାତ୍ର ଛାତ୍ରୀଙ୍କୁ ଓଡିଶା ସରକାର ଙ୍କ ତରଫରୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି ।

# ଦେଉଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା

ବାଲିଆପାଳ , ୦୬/୩ (ନି.ପ୍ର): ବିଦ୍ୟା ହିଁ ମହା ଧନ , ଯାହାର ତୁଳନା କେବେ କରାଯାଇ ନ ପାରେ। ବିଦ୍ୟାର୍ଥୀକୁ ବିଦ୍ୟା ହିଁ ବିନୟୀ ହେବାକୁ ପ୍ରେରଣା ଦିଏ ବୋଲି ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଦେଉଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭାରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ରାଜୀବ ଲୋଚନ ପାତ୍ର ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ସହକାରୀ



ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ମୁଖ୍ୟ ଅତିଥି, ବରିଷ୍ଠ ଶିକ୍ଷାବିତ ତଥା ଶୁସାହିତ୍ୟିକ ଅଧାପକ ଡଃ ସୁକାନ୍ତ କୁମାର ଗିରି ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ଦେଉଳା ସରପଞ୍ଚ ସରୋଜ କୁମାର ପିଳା, ସି ଆର ସି ସି ବେଣୁଧର ପାତ୍ର, ବିଧାୟକ ପ୍ରତିନିଧି କମଳ ଲୋଚନ ବେହେରା, ଶିକ୍ଷକ ଅନନ୍ତ କୁମାର ରାଉଳ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଅଜୟ କୁମାର ବର୍ ବାର୍ଷିକ ବିବରଣୀ, କ୍ରୀଡା ଶିକ୍ଷକ ରଞ୍ଜନ କୁମାର ସାହୁ ମଞ୍ଚ ଆହ୍ୱାନ ଓ ସ୍ୱାଗତ ଭାଷଣ,ଶିକ୍ଷୟତ୍ରୀ ଉର୍ମିଳା ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ପୁରସ୍କାର ବିତରଣ ସଭାରେ ଅତିଥିମାନେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ।ଏହାକୁ ଶିକ୍ଷୟତ୍ରୀ ସଂଯୁକ୍ତା ପାଣିଗ୍ରାହୀ, ସୀତା ସୋରେନ, ପାର୍ବତୀ ପ୍ରଧାନ, ଆୟା ସୁରଭି ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ବଡି ବିଲ୍ଡିଙ୍ଗ ପ୍ରତିଯୋଗିତା ଦ୍ୱିତୀୟସ୍ଥାନ ଅଧିକାର କରିଛନ୍ତି ନରୋତ୍ତମ

ବେତନଟୀ , ୦୬/୩ (ନି.ପ୍ର): ନିକଟରେ ପୁରୀ ଠାରେ ଅନୁଷ୍ଠିତ ହୋଇଯାଇଛି ଜିଲ୍ଲାସ୍ତରୀୟ ବିଡିବିଲ୍ଡିଙ୍ଗ ପ୍ରତିଯୋଗିତା ।ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଅଁଳା ନିବାସି ନିରଞ୍ଜନ ମହାନ୍ତଙ୍କ ପୁଅ ନରୋତ୍ତମ ମହାନ୍ତ। ନରୋତ୍ତମ ଏହି ପ୍ରତିଯୋଗିତାରେ ଭାଗ ନେଇ ଥିବା ସମଗ୍ର ଓଡିଶାର ୧୮୦ ଜଣକୁ ପଛରେ ପକାଇ ଦ୍ୱିତୀୟସ୍ଥାନ ଅଧିକାର କରିଛନ୍ତି ।ସେ ଦ୍ୱିତୀୟସ୍ଥାନ ଅଧିକାର କରି ମୟୁରଭଞ୍ଜ ତଥା ବେତନଟୀର ନାମକୁ ଗୌରବାନ୍ୱିତ କରିଛନ୍ତି ।ସେ ପିଲାଟି ଦିନରୁ କଠିନ ପରିଶ୍ରମ କରି ଆଜି ଏହି ସ୍ଥାନରେ ପହଞ୍ଚି ପରିଛନ୍ତି ।ଆଗକୁ ଜଦି ସରକାରଙ୍କ ପାଖରୁ କିଛି ସହଯୋଗ ମିଳିପାରିଲେ ସେ ଆଗକୁ ରାଜ୍ୟସ୍ତରରେ ଓଡିଶାର ନାମକୁ ସମଗ୍ର ଦେଶରେ ଗୌରବ ଆଣିଦେଇ ପାରିବେ ।ନରୋତ୍ତମଙ୍କର ଏହି କୃତିତ୍ୱକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଛୁଟିଛି।

# ବେତନଟୀରେ ନୂତନ ତହସିଲଦାରଙ୍କ ଯୋଗଦାନ

ବେତନଟୀ:୬/୩/୨୪ ବେତନଟୀ ତହସିଲଦାର ଅନିତା ନାୟକ ନିଶ୍ଚିନ୍ତ କୋଇଲି ତହସିଲଦାର ଭାବରେ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଗଦିଆ ତହସିଲଦାର ସୁରଥ ଚନ୍ଦ୍ର ରାଉତଙ୍କର ବେତନଟୀ ତହସିଲଦାର ଭାବରେ ଯୋଗଦାନ କଲେ । ନୂତନ ତହସିଲଦାର ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବେ ବୋଲି ଆଶ୍ୱାସନା ଦେଲେ।

# ରାନୀ ଶକ୍ତି ବନ୍ଧନ ଯାତ୍ରା



ବେତନଟୀ, ୦୬/୩ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧୀନ ବେତନଟୀ ବ୍ଲକ ରେ ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ପକ୍ଷରୁ ଆଜି ନାରୀ ଶକ୍ତି ବନ୍ଧନା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ବେତନଟୀ ଆନନ୍ଦ ବଜାର ରେ ଯାତ୍ରା ହୋଇଥିବା ବେଳେ ଏହି ଉପଲକ୍ଷେ ବେତନଟୀ ଆନନ୍ଦ ବଜାର ସଂସ୍କୃତି ଭବନ ରେ ପ୍ରଧାନମନ୍ତ୍ରୀ ଙ୍କ ଲାଇଫ ଟେଲିକାସ ଚାଲିବା ସହ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଭାଜପା ମହିଳା ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଅମ୍ବିକା ବାରିକ ଙ୍କ ସଂଯୋଜନା ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ମହିଳା ମୋର୍ଚ୍ଚା ୩୫ ନମ୍ବର ଜୋନ ର ମିନା ମହାନ୍ତି, ୩୬ ନମ୍ବର ଜୋନ ର ସବିତା ଦେହୁରୀ, ୩୭ ନମ୍ବର ଜୋନ ର ଜୟନ୍ତୀ ଖଟୁଆ , ସୂର୍ଯ୍ୟମଣି ପ୍ରଧାନ, ମମତା ଆଚାର୍ଯ୍ୟ, ଶାନ୍ତିଲତା ମହାନ୍ତ ପ୍ରମୁଖ ଶତାଧିକ ମହିଳା ଯୋଗଦାନ କରିଥିଲେ।

# ବିଧାୟକ ବିଷ୍ଣୁବ୍ରତଙ୍କ ଦ୍ୱାରା ବିଭିନ୍ନ ରାସ୍ତାର ଭୂମି ପୂଜନ ଉତ୍ସବ

ବାସୁଦେବପୁର, ୦୬/୩ (ନି.ପ୍ର): ବାସୁଦେବପୁରର ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟଙ୍କ ଦ୍ୱାରା ଧାମରା ରାସ୍ତାରୁ ନୂଆ ଲୁଣି ବନ୍ଧ ଭାୟା ସାନ ହବଳି ସାହି ରାସ୍ତାର ଭୂମି ପୂଜନ କରାଯାଇଛି । ସେହିପରି ଧାମରା ରାସ୍ତାରୁ ଲୁଣି ବନ୍ଧ ଭାୟା ବଡ ମହାରା ରାସ୍ତାର ଭୂମି ପୂଜନ, ଜମୁଝଡି ବାସୁଦେବପୁର ରାସ୍ତା ଚାନ୍ଦି ପୋଖରୀରୁ ଗର୍ଦି ମହରା ରାସ୍ତାର ଭୂମି ପୂଜନ, ନୂତନ ପୋଲ ଶୁଭ ଭୂମି ପୂଜନ ଜୀବନ ପୁର ବାଲି ମେଦ ପଞ୍ଚାୟତ, ନୂତନ ପୋଲ ଭୂମି ପୂଜନ କୋଷ୍ଟ କେନାଲ ପି ଡବ୍ଲୁ ରାସ୍ତାରୁ ଜଗନ୍ନାଥପୁର, ନଳ ବାଙ୍କ ଠାରୁ ଲୁଣି ବନ୍ଧ ଭାୟା ଗୋଠ ଆଡ଼ିଆ ରାସ୍ତାର ଭୂମି ପୂଜନ, ମାଛ ଧରା ଜେଠି ଠାରୁ ଧାମରା ରାସ୍ତା ଭାୟା ଚୂଡ଼ାମଣି ଆଡିଆ ରାସ୍ତାର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଭୂମି ପୂଜନ ଉତ୍ସବ ରେ ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ବିଧାୟକ ପ୍ରତିନିଧି ଅସିତ୍ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

# ଜନ୍ମମାଟି ନୀଳଗିରିରେ ବରିଷ୍ଠ ଆଇଏଏସ ସରୋଜ ସେଠୀଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ

ନୀଳଗିରି , ୦୬/୩ (ନି.ପ୍ର): ଓଡ଼ିଶା ସରକାରଙ୍କ ଇଡକୋ ଚିଫ୍ ଜେନେରାଲ ମ୍ୟାନେଜର (ଭୂମି), ବରିଷ୍ଠ ଆଇଏଏସ୍ ତଥା ନୀଳଗିରି ମାଟିର ସୁଯୋଗ୍ୟ ସନ୍ତାନ ସରୋଜ କୁମାର ସେଠୀ ଗତ ମଙ୍ଗଳବାର ଜନ୍ମମାଟି ନୀଳଗିରି ଗସ୍ତ କରି ବିଭିନ୍ନ ଜନହିତକର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଘଟିକାରେ ଅଯୋଧ୍ୟା ନିକଟସ୍ଥ କୁମ୍ଭାରଖାଲିଆ ଠାରେ ନୀଳଗିରି ରଥଯାତ୍ରା ସମୟରେ ପରିବେଷଣ କରାଯାଉଥିବା ନବଯୌବନ ଭଜନସନ୍ଧ୍ୟା କମିଟିର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ନବଯୌବନ ଭଜନସନ୍ଧ୍ୟା କମିଟିର ସଭାପତି ଭାବରେ ଶ୍ରୀଯୁକ୍ତ ସେଠୀ ଅନ୍ୟାନ୍ୟ କମିଟି ବନ୍ଧୁ ମାନଙ୍କ ସହ ଆଲୋଚନା କରି ଆଗାମୀ ରଥଯାତ୍ରା ସମୟରେ କିପରି ଅଧିକ ସରସ ସୁନ୍ଦର କାର୍ଯ୍ୟକ୍ରମ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ପରେ



ମିତ୍ରପୁର ଯାଇ ଯୁବକ ମାନଙ୍କ ଦ୍ୱାରା ଆୟୋଜିତ କ୍ରିକେଟ ଖେଳରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ମ୍ୟାଚକୁ ଉଦ୍ଘାଟନ କରିଥିଲେ। ପରେ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ସନ୍ଧ୍ୟାରେ ଯାମୁନାଛକ ନିକଟରେ ଆୟୋଜିତ କ୍ରିକେଟ ମ୍ୟାଚରେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ ବିଭିନ୍ନ ବର୍ଗର ଲୋକ ମାନଙ୍କୁ ଭେଟି ଆଞ୍ଚଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ଓଡ଼ିଶା ସରକାରଙ୍କ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ହୋଇ ମଧ୍ୟ ନିଜ ଜନ୍ମମାଟି ପ୍ରତି ତାଙ୍କର କର୍ତ୍ତବ୍ୟକୁ କେବେ ଭୁଲିନାହାଁନ୍ତି ସରୋଜ। ରାଜନୀତି ଠାରୁ ଉର୍ଦ୍ଧ୍ୱରେ ରହି ପ୍ରତି କ୍ଷେତ୍ରରେ ଲୋକଙ୍କର ସୁଖଦୁଃଖରେ ଜଣେ ଦରଦୀ ବନ୍ଧୁ ଭାବରେ ସାମିଲ ହୋଇଛନ୍ତି। ଏଭଳି ପୁଅ ପାଇ ନୀଳଗିରିବାସୀ ବେଶ୍ ଗର୍ବିତ। ତାଙ୍କର ଏହି ଗସ୍ତ ସମୟରେ ବାବୁଲି ଭୁଗୁଡ଼ି, ମନୋରଞ୍ଜନ ବେହେରା, ଜୟନ୍ତ ଚୌଧୁରୀ, ରବୀନ୍ଦ୍ର ବିଶ୍ୱାଳ, ଅଞ୍ଜୁଲତା ସ୍ୱାଇଁ, ମନୋଜ ରଣା, ଅଭିଷେକ ମହାପାତ୍ର, ହରିଶ ଚନ୍ଦ୍ର ରାଉତ, ରଶ୍ମି ରଞ୍ଜନ ରାଉତ, ସନ୍ତୋଷ ପାତ୍ର ପ୍ରମୁଖ ସାମିଲ ଥିଲେ।

# ବିଦ୍ୟାର୍ଥୀକୁ ବିଦ୍ୟା ହିଁ ବିନୟୀ ହେବାକୁ ପ୍ରେରଣା ଦିଏ : ଦେଉଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା

ଲଙ୍ଗଳେଶ୍ୱର , ୦୬/୩ (ନି.ପ୍ର): ବିଦ୍ୟା ହିଁ ମହା ଧନ , ଯାହାର ତୁଳନା କେବେ କରାଯାଇ ନ ପାରେ। ବିଦ୍ୟାର୍ଥୀକୁ ବିଦ୍ୟା ହିଁ ବିନୟୀ ହେବାକୁ ପ୍ରେରଣା ଦିଏ ବୋଲି ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଦେଉଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭାରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ରାଜୀବ ଲୋଚନ ପାତ୍ର ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ସହକାରୀ ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ମୁଖ୍ୟ ଅତିଥି, ବରିଷ୍ଠ ଶିକ୍ଷାବିତ ତଥା ଶୁସାହିତ୍ୟିକ ଅଧାପକ ଡଃ ସୁକାନ୍ତ



କୁମାର ଗିରି ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ଦେଉଳା ସରପଞ୍ଚ ସରୋଜ କୁମାର ପିଳା, ସି ଆର ସି ସି ବେଣୁଧର ପାତ୍ର, ବିଧାୟକ ପ୍ରତିନିଧି କମଳ ଲୋଚନ ବେହେରା, ଶିକ୍ଷକ ଅନନ୍ତ କୁମାର ରାଉଳ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଅଜୟ କୁମାର ବର୍ ବାର୍ଷିକ ବିବରଣୀ, କ୍ରୀଡା ଶିକ୍ଷକ ରଞ୍ଜନ କୁମାର ସାହୁ ମଞ୍ଚ ଆହ୍ୱାନ ଓ ସ୍ୱାଗତ ଭାଷଣ,ଶିକ୍ଷୟତ୍ରୀ ଉର୍ମିଳା ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ପୁରସ୍କାର ବିତରଣ ସଭାରେ ଅତିଥିମାନେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ।ଏହାକୁ ଶିକ୍ଷୟତ୍ରୀ ସଂଯୁକ୍ତା ପାଣିଗ୍ରାହୀ, ସୀତା ସୋରେନ, ପାର୍ବତୀ ପ୍ରଧାନ, ଆୟା ସୁରଭି ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲା ଶିଳ୍ପ କେନ୍ଦ୍ର ଭଦ୍ରକ ଦ୍ୱାରା ଶିଳ୍ପୋଦ୍ୟୋଗୀ ଦିବସ ପାଳିତ

ଭଦ୍ରକ , ୦୬/୩ (ନି.ପ୍ର): ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଭଦ୍ରକ ଆନୁକୂଲ୍ୟରେ ୫-୩-୨୦୨୪ରିଖରେ ଭଦ୍ରକ ବାଇପାସ୍‌ରୋଡ଼ ନିକଟସ୍ଥ ସଙ୍ଗମ କନ୍‌ଭେନ୍‌ସନ୍ ମଣ୍ଡପରେ ଶିଳ୍ପୋଦ୍ୟୋଗୀ ଦିବସ ସମାରୋହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଏନ୍ ନାଗେଶ୍ୱର ରାଓ, ସିଡ଼ିଭଓ଼ ଡ଼ାକ୍ତର ହୃଷୀକେଶ ବେହେରା, ଜିଲ୍ଲା କୃଷି ଅଧିକାରୀ ଶ୍ରୀଧର ଦାସ, ଶିଳ୍ପସଂଘ ଓସ୍‌ମେର ସମ୍ପାଦକ ସୁଶାନ୍ତ କୁମାର ନାୟକ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା ମଞ୍ଚାସୀନ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଉଦ୍ୟୋଗ ବିକାଶ ନିମିତ୍ତ ପ୍ରଣୀତ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ପି.ଏମ୍.ଏଫ୍.ଏମ୍.ଇ ଓ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୨୨ ସମ୍ପର୍କରେ ଶିଳ୍ପ ବିକାଶ ଅଧିକାରୀ ଶଶୀଶେଖର ବେହେରା , ପି.ଏମ୍.ଇ.ଜି.ପି. ବାବଦରେ ସହକାରୀ ଶିଳ୍ପ ଅଧିକାରୀ ବିଶ୍ୱଜିତ୍ ସାମଲ, ଓଡ଼ିଶା ପ୍ରୋକ୍ୟୁଓରମେଣ୍ଟ ପ୍ରେଫେରେନ୍ସ ପଲିସି ୨୦୨୩, ସି.ଏମ.ସ୍ରିମ୍, ପି.ଏମ୍.ବିଶ୍ୱକର୍ମା ଯୋଜନା ସମ୍ପର୍କରେ ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା ଓ ଶିଳ୍ପନୀତି ୨୦୨୨, ଓଡ଼ିଶା ଅଣୁକ୍ଷୁଦ୍ର ମଧମ ଉଦ୍ୟୋଗ ବିକାଶ ନୀତି ୨୦୨୨ ସମ୍ପର୍କରେ ଶିଳ୍ପ ପର୍ଯ୍ୟବେକ୍ଷକ ରଶ୍ମିରଞ୍ଜନ ସାହୁ ଆଲୋଚନା କରିଥିଲେ । ପରିଶେଷରେ ଉଦ୍ୟୋଗୀମାନେ ନିଜର ଶିଳ୍ପ ପ୍ରତିଷ୍ଠା ଅଭିଜ୍ଞତା ଓ ଅନୁଭୂତି ସମ୍ପର୍କରେ ଆଲୋକପାତ କରିଥିଲେ । ଶତାଧିକ ଉଦ୍ୟୋଗୀଙ୍କ ଉପସ୍ଥିତିରେ ଉକ୍ତ ସମାରୋହକୁ ଶିଳ୍ପ ବିକାଶ ଅଧିକାରୀ ଶ୍ରୀ ବେହେରା ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo